ନଭେମ୍ବର ୧୦ -୧୬, ୨୦୨୪

ରବିବାର
ସକାଳ
THE SAKALA

# ସିନ୍ଦୂର

- ପାଠାଗାରର ସ୍ଥିତି ଓ ପ୍ରଗତି
- ଉଚ୍ଚଶିକ୍ଷାରେ ପାଠାଗାରର ଭୂମିକା
- ଶ୍ରୀରାମଚନ୍ଦ୍ର ପାଠାଗାର : ଐତିହ୍ୟର ନିଦର୍ଶନ
- ଦାସିଆ ଅଜା ପାଠାଗାର



# ପାଠାଗାର



ପୁସ୍ତକ ହେଉଛି ମଣିଷର ପ୍ରିୟ ବନ୍ଧୁ । ମଣିଷର ଚିନ୍ତା, ଚେତନା, ଜ୍ଞାନର ବିକାଶ ପାଇଁ ପୁସ୍ତକର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ମଣିଷକୁ ସତ୍‌ମାର୍ଗରେ ପରିଚାଳିତ କରିଥାଏ ପୁସ୍ତକ । ତେଣୁ ପୁସ୍ତକ ହେଉଛି ମଣିଷର ସୁଖ ଓ ଦୁଃଖର ସାଥୀ । ସଂପ୍ରତି ବିଜ୍ଞାନର ଯୁଗରେ ମଣିଷ ଯେତେ ଅଗ୍ରଗତି କଲେ ମଧ ବହିର ଚାହିଦା କମି ନାହିଁ । ଏହା ପ୍ରମାଣିତ ହୋଇଯାଏ ବିଭିନ୍ନ ପାଠାଗାରକୁ ଦେଖିଲେ । ଏଠାରେ ଛାତ୍ରଛାତ୍ରୀ, ଗବେଷକ ଓ ସର୍ବସାଧାରଣ ପାଠକଙ୍କ ପଠନ ନିମନ୍ତେ ପୁରୁଣା ଓ ନୂଆ ପୁସ୍ତକ, ପତ୍ରପତ୍ରିକା, ନଥିପତ୍ରକୁ ସଂଗ୍ରହ କରି ରଖାଯାଇଥାଏ । ଏହା ହେଉଛି ଜ୍ଞାନର ବିକାଶ, ସୂଚନା, ତଥ୍ୟ ସଂଗ୍ରହର ପ୍ରକୃଷ୍ଟ ସ୍ଥାନ ।

ଜ୍ଞାନର ବିକାଶ ଓ ଶିକ୍ଷାର ପ୍ରସାର କ୍ଷେତ୍ରରେ ପାଠାଗାରର ଭୂମିକା ଅତୁଳନୀୟ । ସ୍କୁଲ,କଲେଜ, ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ସାଧାରଣଜନତାଙ୍କ ପାଇଁ ସହରଠୁ ଗାଁ ପର୍ଯ୍ୟନ୍ତ ଅନେକ ପାଠାଗାର ସ୍ଥାପିତ ହୋଇଛି । କେତେକ ପାଠଗାର ସରକାରୀ ସାହାଯ୍ୟରେ ପରିଚାଳିତ ହେଉଥିବା ବେଳେ କେତେକ ବେସରକାରୀ ଭାବେ ଚାଲୁ ରହିଛି । 'ଭାଗବତ ଟୁଙ୍ଗି'ଠାରୁ ଆରମ୍ଭ କରି ବର୍ତ୍ତମାନର ଶୀତତାପ ନିୟନ୍ତ୍ରଣ ପାଠାଗାର ପର୍ଯ୍ୟନ୍ତ, ସବୁରି ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଏକ ଓ ଅଭିନ୍ନ । ଏବେ ଚାକିରି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବ ପିଢ଼ି ଘଣ୍ଟା ଘଣ୍ଟା ଧରି ପାଠାଗାରରେ ପଢୁଛନ୍ତି । ତେବେ ଦିନକୁ ଦିନ ପାଠାଗାରଗୁଡ଼ିକର ପରିଭାଷା ବଦଳିବାରେ ଲାଗିଛି । କେବଳ ପୁସ୍ତକ କି ପତ୍ରପତ୍ରିକା ନୁହେଁ, ଇ-ବୁକ୍, ଅଡିଓ ବୁକ୍, କମ୍ପ୍ୟୁଟର୍, ଇଣ୍ଟରନେଟ୍ ଆଦି ପାଠାଗାରରେ ଉପଲବ୍ଧ ହେଉଛି । ଏହି ପରିପ୍ରେକ୍ଷୀରେ ପାଠାଗାରର ଇତିହାସ, ବର୍ତ୍ତମାନର ସ୍ଥିତି ଏବଂ ଓଡ଼ିଶାର କେତୋଟି ପୁରାତନ ପାଠାଗାରକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ପାଠାଗାର**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ପରିଶ୍ରମର ଫଳ ପାଇବେ । ମଙ୍ଗଳ, ବୁଧବାରରେ ସମସ୍ୟା ସମାଧାନର ରାସ୍ତା ପାଇବେ । ବନ୍ଧୁବାନ୍ଧବଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟରେ ସମସ୍ୟା ଦେଖାଦେବ । ହେବାକୁ ଯାଉଥିବା କାମ ବିଗିଡ଼ି ଯାଇପାରେ ।

**ବୃଷ**
ରବି, ସୋମବାରରେ ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହୋଇପାରନ୍ତି । ଗୁରୁ ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନିଅନ୍ତୁ । ମହିଳାମାନେ ଅବହେଳାର ଶିକାର ହେବେ ।

**ମିଥୁନ**
ରବି, ସୋମବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ ଆୟର ନୂତନ ସ୍ରୋତ ଉନ୍ମୋଚନ ହେବ । ଧନ ସମ୍ପତ୍ତି ବୃଦ୍ଧି ପାଇବ । ଗୁରୁ, ଶୁକ୍ର, ଶନିବାରରେ କଠିନ ପରିଶ୍ରମର ଫଳ ପାଇବେ ।

**କର୍କଟ**
ରବି, ସୋମବାରରେ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ କୌଣସି ଖବର ପାଇ ଉତ୍ସାହିତ ରହିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ଧର୍ମାଦି କାର୍ଯ୍ୟରେ ମନ ବଳାଇବେ । ମହିଳାମାନେ ଚଳଚଞ୍ଚଳ ରହିବେ ।

**ସିଂହ**
ରବି, ସୋମବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବେ । ମଙ୍ଗଳ, ବୁଧବାରରେ ତରବରିଆ ଭାବରେ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ । ବିଭିନ୍ନ କ୍ଷେତ୍ରରୁ ମିଶ୍ରିତ ଫଳ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ସମସ୍ୟା ଦେଖାଦେଇପାରେ ।

**କନ୍ୟା**
ରବି, ସୋମବାରରେ ଶାରୀରିକ ଅସୁସ୍ଥତା ପାଇଁ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବେ । ଗୁରୁ, ଶୁକ୍ର, ଶନିବାରରେ ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

**ତୁଳା**
ରବି, ସୋମବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ହେବ । ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ପରିବାର ସହ ତୀର୍ଥସ୍ଥାନ ଦର୍ଶନ କରିବାକୁ ଯାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ନୂତନ ସାହସ ସଂଚାର କରି ଆଗକୁ ବଢ଼ିବେ ।

**ବିଛା**
ରବି, ସୋମବାରରେ ଅଯଥା ଚିନ୍ତା କରି ମାନସିକ ଅବସାଦରେ ରହିପାରନ୍ତି । ମଙ୍ଗଳ, ବୁଧବାରରେ ଧାର୍ମିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ନୂତନ ସମ୍ପର୍କରେ ବାନ୍ଧି ହୋଇପାରନ୍ତି । ପରିବାରରେ ଅଶାନ୍ତି ଲାଗି ରହିବ ।

**ଧନୁ**
ରବି, ସୋମବାରରେ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ । ମଙ୍ଗଳ, ବୁଧବାରରେ ଉତ୍ସାହିତ ହୋଇ ଅଯଥା ଖର୍ଚ୍ଚ କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭାଙ୍ଗିଯାଇଥିବା ସମ୍ପର୍କ ପୁନଶ୍ଚ ଯୋଡ଼ି ହୋଇଯିବ । ଭ୍ରମଣ ଯୋଗ ରହିଛି ।

**ମକର**
ରବି, ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ଶୁଭ ସମାଚାର ପାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭୂ-ସଂପତ୍ତି କ୍ରୟ କରିପାରନ୍ତି । ପାରିବାରିକ ମିଳାମିଶା ଓ ସୁଖସମୃଦ୍ଧି ବୃଦ୍ଧି ପାଇବ ।


**କୁମ୍ଭ**
ରବି, ସୋମବାରରେ ଭବିଷ୍ୟତ ପାଇଁ ନୂତନ ଯୋଜନା କରିବେ । ମଙ୍ଗଳ, ବୁଧବାରରେ ମନର ଶାନ୍ତି ପାଇଁ ଏକୁଟିଆ ରହିବାକୁ ପସନ୍ଦ କରିବେ । ଗୁରୁ,ଶୁକ୍ର, ଶନିବାରରେ ଉଚ୍ଚ ବିଚାର ଏବଂ ସକାରାତ୍ମକ ଚିନ୍ତାଧାରା ଧରି ଆଗକୁ ବଢ଼ିବେ ।

**ମୀନ**
ରବି, ସୋମବାରରେ ସାଙ୍ଗସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ମଙ୍ଗଳ, ବୁଧବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ଗୁରୁ ,ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟର ପାଇଁ ନୂତନ ସୁଯୋଗ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ପାଠାଗାରର ସ୍ଥିତି ଓ ପ୍ରଗତି



ରବିନ୍ ଖଣ୍ଡାୟତରାୟ

ପାଠାଗାର କଥା ଚର୍ଚ୍ଚାକୁ ଆସିଲେ, ଆମ ସମସ୍ତଙ୍କ ଆଖି ଆଗରେ ନାଚି ଉଠେ ଗୋଟେ ଘର ଆଉ ତା'ଭିତରେ ଥାକରେ ସଜା ହୋଇ ରହିଥିବା ଅନେକ ପୁସ୍ତକର ପ୍ରତିଛବି । ହେଲେ ଜନମାନସକୁ ଜ୍ଞାନର ଆଲୋକରେ ଉଦ୍‌ଭାସିତ କରୁଥିବା, ସେ ପାଠାଗାରର ସ୍ଥାନ ସ୍ୱତନ୍ତ୍ର, ଆଉ ତା'ର ଇତିହାସ ଅତୀବ ପ୍ରାଚୀନ । ପୃଥିବୀର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ପାଠାଗାର ବିଭିନ୍ନ ରୂପରେ ଶୋଭା ପାଉଥିଲେ ମଧ୍ୟ, ସର୍ବତ୍ର ତା'ର ଅସୁମାରି ଆଦର । ଅଗଣିତ ପାଠକ ଖୋଜିଖୋଜି ତା'ପାଖକୁ ଆସନ୍ତି ଠିକ୍ ମଧୁ ସନ୍ଧାନରେ ଭ୍ରମର ଫୁଲ ପାଖକୁ ଆସିବା ପରି । ପ୍ରତ୍ୟେକଙ୍କର ଦୃଷ୍ଟି ଭିନ୍ନ, ରୁଚି ସ୍ୱତନ୍ତ୍ର ଆଉ ଆଗ୍ରହ ଅସରନ୍ତି । ତାଙ୍କ ପାଇଁ ପାଠାଗାର କେବଳ ଥାକରେ ସଜା ହୋଇ ରହିଥିବା ବହିର ଘର ନୁହେଁ, ବରଂ ସାରସ୍ୱତ ଜ୍ଞାନର ଭଣ୍ଡାର, ସରସ୍ୱତୀଙ୍କର ଭବ୍ୟ ମନ୍ଦିର । ଯେଉଁଠି ଜୀବନର ଆନନ୍ଦ, ଜିଇଁବାର କଳା, ଦୁଃଖ ସାଗରକୁ ପାରିହେବାକୁ ଭେଳା ମିଳିବା ସହିତ ଜୀବିକା ପାଇଁ ମଧ୍ୟ ଦାନା, କନା ସବୁକିଛି ଉପଲବ୍‌ଧ ହେବାର ସୁଯୋଗ ଆଉ ସମ୍ଭାବନା ଥାଏ । ପାଠାଗାର ବ୍ୟବସ୍ଥା ଜୀବନକୁ ବ୍ୟବସ୍ଥିତ, ସଂଗଠିତ କରାଏ ଏବଂ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କୁ ସଂଗଠିତ କରାଇ ସମାଜର ଉନ୍ନତି ସାଧନରେ ସହାୟକ ହୋଇଥାଏ । ପାଠାଗାର ଥାକରେ ବିରାଜମାନ କରିଥିବା, କାଗଜକାଳିର ଛପା ଅକ୍ଷରରେ ପୁସ୍ତକ, ଯାହା ଅନେକ ଜ୍ଞାନୀଗୁଣୀ ମହାନ ମନୀଷୀମାନଙ୍କର ସାଧନାର ଫଳ, ତାହା କୌଣସି ଧାତବ ସମ୍ପତ୍ତିଠାରୁ କମ୍ ମୂଲ୍ୟବାନ୍ ନୁହେଁ । ଅମୂଲ୍ୟ ସମ୍ପଦର ଅଜସ୍ର ବ୍ୟବହାର ପାଇଁ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରିବା ଆଉ ଏହି ବାର୍ତ୍ତାକୁ ବିଭିନ୍ନ ମାଧ୍ୟମରେ ଜନସାଧାରଣଙ୍କ ଦୃଷ୍ଟି ପଥାରୂଢ଼ କରାଇବା ପାଠାଗାର ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ।




ବିକ୍ରମଖୋଲ




ପୁଷ୍ପଗିରି

## ପାଠାଗାର ପୃଷ୍ଠଭୂମି

ଅତୀତର ଓଡ଼ିଶା କଳିଙ୍ଗ, ଉତ୍କଳ, ଉଡ୍ର ଆଦି ନାମରେ ପରିଚିତ ଥିବା ବେଳେ ବହିର ରୂପ ଥିଲା ଅଲଗା । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସବ୍‌ଡିଭିଜନ୍ ଗୁଡ଼ହାଣ୍ଡି, ସୁନ୍ଦରଗଡ଼ର ମାଣିକମୁଣ୍ଡା, ସମ୍ବଲପୁରର ଉଷାକୋଠି, ବିକ୍ରମଖୋଲ ଆଦି ସ୍ଥାନମାନଙ୍କରେ ଶିଳାଲେଖ ଶୋଭାପାଉଥିଲା ପାହାଡ଼ ଗୁମ୍ଫାରେ । ଯାହାକୁ ପଢ଼ି, ବିଜ୍ଞମାନେ ଅନ୍ୟମାନଙ୍କ ନିକଟରେ ଅର୍ଥ ବଖାଣୁଥିଲେ, ଯେମିତି ଆଜି ପୁରାଣ ଶାସ୍ତ୍ରକୁ ପଣ୍ଡିତ ବ୍ରାହ୍ମଣମାନେ ପଢ଼ି ବାଖ୍ୟା କରୁଛନ୍ତି । ଏହାପରେ ଉତ୍ତର ଭାରତରେ ପ୍ରତିଷ୍ଠିତ ତିନୋଟି ପ୍ରମୁଖ ବିଶ୍ୱ ବିଦ୍ୟାଳୟ ତକ୍ଷଶିଳା, ନାଳନ୍ଦା ପରେ ଓଡ଼ିଶାର ପୁଷ୍ପଗିରି ଥିଲା ପ୍ରମୁଖ ବିଶ୍ୱବିଦ୍ୟାଳୟ ଯାହା ଯୋଗ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଏହା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରତ୍ନଗିରି, ଉଦୟଗିରି ଆଉ ଲଳିତଗିରି ସହିତ ମଳୟଗିରି, ମହେନ୍ଦ୍ରଗିରି ଆଦିସ୍ଥାନର ପ୍ରସିଦ୍ଧ ବୌଦ୍ଧ ବିହାରରେ ବୌଦ୍ଧ ଧର୍ମ ସମ୍ବନ୍ଧୀୟ ପୁସ୍ତକ ଓ ତାହାର ସଂରକ୍ଷଣ ନିମିତ୍ତ ପାଠାଗାର ପ୍ରତିଷ୍ଠା ହୋଇଥିଲା । ଅଶୋକଙ୍କ ସମୟର ଧଉଳି ଶିଳାଲିପି ହେଉ କି ଖାରବେଳଙ୍କ ସମୟର ଖଣ୍ଡଗିରି ଓ ଉଦୟଗିରି ଏବଂ ହାତିଗୁମ୍ଫାର ଗିରି ଗହ୍ୱରର ସେ ଶିଳାଲେଖ ହେଉ ଅଥବା ତାମ୍ରଫଳକ, ତାଳପତ୍ର ପୋଥି, ମାଟିକାନ୍ଥୁଅରେ ଲେଖା ଅକ୍ଷରର ସଂରକ୍ଷଣ, କାଠଖୋଦେଇ ଫଳକ, ସିଲ୍କ କପଡ଼ାରେ ଲେଖା ଆଦି ସମସ୍ତ ପ୍ରକାରର ପ୍ରଚେଷ୍ଟା ଜ୍ଞାନର ବିତରଣ ପାଇଁ ହିଁ ଉଦ୍ଦିଷ୍ଟ ଥିଲା । ଆଉ ସେ ସବୁକୁ ପରପିଢ଼ି ପାଇଁ ସଂରକ୍ଷଣ କରି ରଖିବାର ପ୍ରଚେଷ୍ଟା ଥିଲା, ଯାହା ପାଠାଗାର ପ୍ରତିଷ୍ଠାର ବୈଶିଷ୍ଟ୍ୟତାକୁ ପ୍ରତିପାଦିତ କରିଥାଏ । ଏହାବ୍ୟତୀତ ପ୍ରାଚୀନ ଓଡ଼ିଶାରେ ମୌଖିକ କଳାର ବହୁ ପରିମାଣରେ ପ୍ରଚାର ପ୍ରସାର ରହିଥିଲା । ଯାହାର ମୁଖ୍ୟାଂଶରେ ରହିଥିଲେ ପଣ୍ଡିତ ବର୍ଗ । ଶୁଣିଶୁଣି ମନେରଖି ସେମାନେ ପରପିଢ଼ିକୁ ସେ କଥାକୁ ଶୁଣାଉଥିଲେ ଏବଂ ତାହା ସେହିଭଳି ଭାବରେ ଆଗକୁ ବଢୁଥିଲା । ସବୁଠାରୁ ବଡ଼ କଥା ହେଲା, ପ୍ରାଚୀନ ଓଡ଼ିଶାର









ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର

ପୁରପଲ୍ଲୀରେ ପ୍ରତିଷ୍ଠିତ 'ଭାଗବତ ଟୁଙ୍ଗି' ହେଉଛି ବହୁଳ ବ୍ୟବହୃତ ଏବଂ ବହୁ ଜନାଦୃତ ପ୍ରମୁଖ ପାଠାଗାର। ଯେଉଁଠି ଫୁଲ, ଚନ୍ଦନ, ଧୂପ, ଝୁଣାରେ ପୁସ୍ତକମାନଙ୍କୁ ପୂଜାର୍ଚ୍ଚନା କରାଯାଇ ପଠନ କରାଯାଉଥିଲା। ଏହି ପୁସ୍ତକ ପୂଜା ପରମ୍ପରା ଆଜି ମଧ୍ୟ ପ୍ରଚଳିତ। ଭାଦ୍ରବ ମାସ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଭାଗବତ ଜନ୍ମ ଅବସରରେ ମହାପୁରାଣ ଭାଗବତ ପୂଜାପାଆନ୍ତି। ଭଲ ବହିର ଆକର୍ଷଣ ଆଉ ସମ୍ମୋହନ ଶକ୍ତିରେ ବିମୋହିତ ପାଠକ ବେଳେବେଳେ ନିଜକୁ ହଜାଇ ଦେଇ ଅନ୍ୟ ଏକ ଦୁନିଆରେ ବିରାଜମାନ କରିଥାଆନ୍ତି। ଅର୍ଥର ଶକ୍ତି, ଧନର ପ୍ରଭାବ ଯେଉଁ ଶାନ୍ତି ଦେଇନପାରେ, ବହିଟିଏ ତାହା ଦେଇପାରେ। ତେଣୁ ସେ ପୂଜା ଯୋଗ୍ୟ।

ସମୟ ସହ ତାଳଦେଇ ଏହାପରେ ପାଠାଗାର ମଧ୍ୟ ବଦଳିବାରେ ଲାଗିଲା। ୧୮୦୩ ମସିହାରେ ଇଂରେଜମାନଙ୍କ ଆଗମନ ପରଠାରୁ ଇଂରେଜ ଭାଷାର ବହୁଳ ବ୍ୟବହାର ସହିତ ଶିକ୍ଷାର ଉନ୍ନତି ଲାଗି ଛାପାଖାନାର ପ୍ରତିଷ୍ଠା ହୋଇ ଛପାବହି ଆସିବା ଦ୍ୱାରା, ତା'ର ସଂରକ୍ଷଣ ଲାଗି ପାଠାଗାର ମଧ୍ୟ ଗଢ଼ିଉଠିଥିଲା। ଏହା ସହିତ ରାଜା, ମହାରାଜା ଏବଂ ଜମିଦାରମାନଙ୍କର ପୃଷ୍ଠପୋଷକତାରେ ପାଠାଗାର ପ୍ରତିଷ୍ଠା ହେବା ସହିତ ପରିଚାଳିତ ହେଉଥିଲା। ସେମାନେ ନିଜ ଉଆସ ପରିସରରେ ପାଠାଗାର ପ୍ରତିଷ୍ଠା କରିଥିବାର ଉଦାହରଣ ଅଛି। ଯେପରି ଦକ୍ଷିଣ ଓଡ଼ିଶାର ପାରଳାଖେମୁଣ୍ଡି, ବଡ଼ଖେମୁଣ୍ଡି, ଚିକିଟି, ଖଲ୍ଲିକୋଟ ଏବଂ ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ସୋନପୁର, ସମ୍ବଲପୁର, ବାମଣ୍ଡା ଆଦି ରାଜାମାନେ ନିଜ ନିଜ ପ୍ରାସାଦରେ ପାଠାଗାର ସ୍ଥାପନା କରିଥିଲେ। ଆମର ସର୍ବପୁରାତନ ସର୍ବସାଧାରଣ ପାଠାଗାର ଭିକ୍ଟୋରିଆ ମେମୋରିଆଲ୍ ଜୁବୁଲି ଲାଇବ୍ରେରୀ ୧୮୯୮ ମସିହା ଜୁନ୍ ୨୨ ତାରିଖରେ, ମୟୂରଭଞ୍ଜ ବାରିପଦାଠାରେ ପ୍ରତିଷ୍ଠିତ ହୋଇଥିଲା। ଏହାପରେ ଅନେକ କ୍ଲବ୍ ଲାଇବ୍ରେରି ପ୍ରତିଷ୍ଠା ଲାଭ କରିଥିଲା। ମଠ ସଂସ୍କୃତିର ପ୍ରଚାର ପ୍ରସାରକୁ ନେଇ ମଠମାନଙ୍କରେ ପାଠାଗାରମାନ ଗଢ଼ିଉଠିଥିଲା। ଯାହାର ପ୍ରମୁଖ ଭାଗରେ ରହିଲେ, ଗଞ୍ଜାମର ଶ୍ରୀଶ୍ରୀ ଚୈତନ୍ୟ ମଠ, ପୁରୀର ମଙ୍ଗୁ ମଠ, ଗୋପାଳ ତୀର୍ଥ ମଠ, ଘୁମୁସର ମଠ, ଦଶାବତାର ମଠ ଇତ୍ୟାଦି। ଏହା ସହିତ ସଂସ୍କୃତ ଟୋଲ୍‌ରେ ପାଠାଗାର, ମସ୍‌ଜିଦ୍, ମାଦ୍ରାସା ଓ ଦରଘାରେ ପାଠାଗାର ପ୍ରତିଷ୍ଠା ହେବା ସହିର ଚର୍ଚ୍ଚମାନଙ୍କରେ ମଧ୍ୟ ପାଠାଗାର ପ୍ରତିଷ୍ଠା କରାଯାଇଥିଲା। ସମୟାନୁକ୍ରମେ ଶିକ୍ଷା ବିଭାଗର ପ୍ରତିଷ୍ଠା ସହିତ ଇଂରେଜମାନେ ଅନେକ ଗୁଡ଼ିଏ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଦ୍ୱାରା ତତ୍‌ସଂଲଗ୍ନ ପାଠାଗାରଟିଏ ମଧ୍ୟ ଗଢ଼ିଉଠିଲା। ୧୯୨୨ରେ କଟକର ରେଭେନ୍‌ସା କଲେଜ ପରିସରେ ଏକ ପାଠାଗାର ଗଢ଼ିଉଠିଲା, ଯାହା 'କନିକା ଲାଇବ୍ରେରି' ନାମରେ ପ୍ରସିଦ୍ଧ। ଏହାବ୍ୟତୀତ ବ୍ୟକ୍ତିଗତ ପ୍ରଚେଷ୍ଟାରେ



ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍


ଦାଶିଆ ଅଜା

ଓଡ଼ିଶା ପାଠାଗାର ଆନ୍ଦୋଳନର ଜନକ କୁହାଯାଉଥିବା ସ୍ୱର୍ଗତ ଦାଶରଥି ପଟ୍ଟନାୟକ (ଦାଶିଆ ଅଜା) ପ୍ରତିଷ୍ଠା କରିଥିଲେ 'ବାଞ୍ଛାନିଧି ପାଠାଗାର', ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ଏବଂ ଯଦୁମଣି ସାହିତ୍ୟ ସଂସଦ, ନୟାଗଡ଼ ଉଦୟପୁର ଗ୍ରାମରେ ୧୯୫୯ ମସିହାରେ। ଏହାପରେ ୧୯୬୭ ମସିହାରେ ଭୁବନେଶ୍ୱର ଗାନ୍ଧୀ ଭବନ ପରିସରରେ ପ୍ରତିଷ୍ଠା ହେଲା ଓଡ଼ିଶା ରାଜ୍ୟ ଗ୍ରନ୍ଥାଗାର, ଯାହା ପରେ ୧୯୮୭ ମସିହାରେ ଉକ୍ତ କୋଠାର ନବୀକରଣ କରାଯାଇ 'ହରେକୃଷ୍ଣ ମହାତାବ ରାଜ୍ୟ ଗ୍ରନ୍ଥାଗାର' ନାମରେ ନାମିତ କରାଯାଇଥିଲା। ଏହାପରେ ଓଡ଼ିଶା ସରକାରଙ୍କର ପାଠାଗାର ପ୍ରତି ସାହାଯ୍ୟ ଆଉ ୧୯୭୨ ମସିହାରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ, 'ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍' ପ୍ରତିଷ୍ଠା ହେବା ପରେ ଗାଁ ଏବଂ ସହରରେ ପାଠାଗାରମାନ ପ୍ରତିଷ୍ଠା ହେବାରେ ସହାୟତା ମିଳିଥିଲା। ରାଜ୍ୟର ଅବିଭକ୍ତ ଜିଲ୍ଲାରେ ଜିଲ୍ଲା ପାଠାଗାର, କଚେରୀ, କାରାଗାର, ଡାକ୍ତରଖାନା ଏପରିକି ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ମଧ୍ୟ ଅନେକ ପାଠାଗାର ପ୍ରତିଷ୍ଠା ହୋଇଥିଲା।

## ଉନ୍ନତ ପାଠାଗାର ପ୍ରଗତିର ସୂତ୍ରଧର

ସର୍ବସାଧାରଣ ପାଠାଗାରଟିଏ 'ଜନତା ବିଶ୍ୱବିଦ୍ୟାଳୟ' ଭାବରେ ପରିଚିତ। ସେଠାକୁ ସାତରୁ ସତୁରି ସବୁ ବୟସର, ସବୁ ଶ୍ରେଣୀର ପାଠକମାନେ ଆସିଥାଆନ୍ତି। ପାଠାଗାର ପାଖରେ ସମସ୍ତେ ଆଉ ସମସ୍ତଙ୍କ ପାଖରେ ପାଠାଗାର ପହଞ୍ଚିବାର ପ୍ରୟାସ କରିବା ଉଚିତ। ପାଠକମାନଙ୍କୁ ଆକୃଷ୍ଟ କରିବା ସହିତ ସେମାନଙ୍କ ମନରେ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରିବା ସର୍ବସାଧାରଣ ପାଠାଗାର ମାଧ୍ୟମରେ ସମ୍ଭବ ହୋଇପାରିବ। ଏହା ଆଜି ଏକ ଜନଆନ୍ଦୋଳନର ପରିଣତ ହେବା ଆବଶ୍ୟକ, ଏଥିରେ ଓଡ଼ିଶାର ସବୁ ପାଠାଗାର ଏବଂ ସମସ୍ତଙ୍କର ମହତ ଭୂମିକା ରହିଛି ଆଉ ବିଶେଷ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଏହା ସହିତ ଜଡ଼ିତଥିବା 'ଓଡ଼ିଶା ପାଠାଗାର ମହାସଂଘ', 'ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍(ଓସା)', 'ବକୁଳ ଫାଉଣ୍ଡେସନ', 'ସିୱାଇଏସ୍‌ଡ଼ି' ଇତ୍ୟାଦି। ସେମାନଙ୍କ ତରଫରୁ ବିଭିନ୍ନ ସମୟରେ ସଭାସମିତିମାନ ଆୟୋଜନ କରାଯାଇ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରାଯାଉଅଛି। ଅଧୁନା ପାଠାଗାରଟିଏ ବିଭିନ୍ନ ସମସ୍ୟା ଦେଇ ଗତି କରୁଅଛି। ବିଭିନ୍ନ କାରଣରୁ ଦିନକୁ ଦିନ ବହି ପଢ଼ିବା ଆଉ ପାଠାଗାରକୁ ଆସୁଥିବା ପାଠକଙ୍କ ସଂଖ୍ୟା ହ୍ରାସ ହେବାରେ ଲାଗିଛି। ତେଣୁ ଏହି ମାନସିକତାରେ ପରିବର୍ତ୍ତନ ଆଣି ପାଠକମାନଙ୍କୁ ପାଠାଗାର ପ୍ରତି ଆକର୍ଷିତ କରିବା ପାଇଁ ତା'ର କାର୍ଯ୍ୟ ପରିସରକୁ ବ୍ୟାପକ କରିବାର ସମୟ ଆସିଛି।


ଉତ୍କଳ ଫାଉଣ୍ଡେସନ


## ସାହିତ୍ୟ, ସଂସ୍କୃତି ସୁରକ୍ଷାରେ ଯୋଗଦାନ

ଲୋକସାହିତ୍ୟ ଓ ଲୋକକଳାରେ ସମୃଦ୍ଧ ଆମ ରାଜ୍ୟ ଉତ୍କଳ। ଯାହାକୁ ଜନମାନସରେ ବଞ୍ଚାଇ ରଖିବାର ଆବଶ୍ୟକତା ରହିଅଛି। ତେଣୁ ପାଠାଗାର ଆନୁକୂଲ୍ୟରେ ବରେଣ୍ୟ କବି ଲେଖକମାନଙ୍କର ପୁସ୍ତକକୁ ନେଇ ପାଠକୀୟ ସମୀକ୍ଷା କରାଇବା, ସେମାନଙ୍କ ସ୍ମୃତିଚାରଣ କରିବା ଏବଂ ବିଭିନ୍ନ ସମୟରେ ଲେଖିବାର କଳାକୌଶଳ ଶିକ୍ଷାଦେବା ନିମିତ୍ତ କର୍ମଶାଳାମାନ ଆୟୋଜନ କରିବା ଦ୍ୱାରା ସମାଜର ହିତରେ ବ୍ରତୀ ଥିବା ପୂର୍ବ ପିଢ଼ିର ସାହିତ୍ୟ ପରପିଢ଼ି ପାଖରେ ପହଞ୍ଚିବାର ରାସ୍ତା ସୁଗମ ହୋଇଥାଏ।

ସେହିପରି ଶଙ୍ଖ ଧ୍ୱନି, ହୁଳହୁଳି, ଝୋଟି ଚିତା, ଚିତ୍ରାଙ୍କନ ଆଦି ପାଇଁ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେବା ଦ୍ୱାରା ଆବଶ୍ୟକ ବେଳେ ତାହା କାମରେ ଆସିଥାଏ। ଆଉ ପାଠାଗାର ପାଲା, ଦାସକାଠିଆ, ଝଂଜଣୀ ଭଜନ ଆଦି ପରିବେଷଣ କରିବାର ସୁଯୋଗ ପ୍ରଦାନ କରି ଲୋକକଳାର ସୁରକ୍ଷା ଦିଗରେ ମଧ୍ୟ ନିଜର ସହଭାଗିତାକୁ ପ୍ରତିପାଦିତ କରାଇଥାଏ।

## ସୂଚନା ସେବା ପ୍ରଦାନ

ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ, ସୂଚନା ହିଁ ସମ୍ପଦ। ଯାହାଙ୍କ ପାଖରେ ଯେତେ ସୂଚନା ଅଛି, ସେ ସେତେ ଧନୀ। କେବଳ କର୍ମ ସଂସ୍ଥାନଟିଏ ପାଇବା ପାଇଁ ନୁହେଁ, ବରଂ ବ୍ୟବସାୟ ବାଣିଜ୍ୟ ଓ ଚାଷବାସ ସବୁ ପାଇଁ ସୂଚନା ଆବଶ୍ୟକ। ପିଲାଟିଏ ଟିକା ନେବାର ଦିନଠାରୁ ବୟସ୍କମାନଙ୍କର ଭତ୍ତା ପାଇବା ପାଇଁ ସୂଚନାର ଆବଶ୍ୟକ ଅଛି। ତେଣୁ ସମସ୍ତ ସୂଚନା ପ୍ରଦାନ ପାଇଁ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ସେବା ପ୍ରଦାନ କରି, ପାଠାଗାର ସେ ଅଞ୍ଚଳର ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ସେମାନଙ୍କ ଆବଶ୍ୟକ ପାଠ୍ୟକ୍ରମ, ଇ-ପୁସ୍ତକ, ଇ-ପତ୍ରିକା ପଢ଼ିବା ସହିତ ଭିଡ଼ିଓ ଲେକ୍‌ଚର ଶୁଣିବାର ସୁଯୋଗ ଦେବା। ଯେଉଁମାନେ ଉଚ୍ଚଶିକ୍ଷା ପାଇଁ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେବାପାଇଁ ଆଗ୍ରହୀ ସେମାନଙ୍କୁ ସହଯୋଗ କରିବା। ଆଧାର ସଂଶୋଧନ, ଜନ୍ମ-ମୃତ୍ୟୁ ପଞ୍ଜୀକରଣ, ବିଭିନ୍ନ ସମସ୍ୟା ପାଇଁ ସରକାରଙ୍କ ନିକଟରେ ଆପତ୍ତି ଅଭିଯୋଗ ପ୍ରଦାନ କରିବା। ସେହିପରି କୃଷକମାନଙ୍କୁ ବର୍ଷା, ବାତ୍ୟା, ବନ୍ୟାପରି ଆଗୁଆ ସତର୍କ ସୂଚନା ଦେବା ପରି ସେବା ପ୍ରଦାନ କରାଯିବା ଦ୍ୱାରା ହିତାଧିକାରୀ ଲାଭବାନ ହୋଇଥାଆନ୍ତି।



## ପ୍ରତିଭା ଚୟନ ଓ ପ୍ରୋତ୍ସାହନ

ବଣମଲ୍ଲୀ ପରି ଆମ ଅଗୋଚରରେ ଅନେକ ପ୍ରତିଭା ରହିଛନ୍ତି, ଯିଏ ଲୋକଲୋଚନକୁ ଆସିବା ଆଗରୁ ମଉଳିଯାଆନ୍ତି। ସେମାନଙ୍କୁ ଖୋଜିଆଣି ସୁଯୋଗ ଦେବା ଏବଂ ପ୍ରୋତ୍ସାହିତ କରି ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ପାଠାଗାରର ଏକ ପ୍ରମୁଖ କାର୍ଯ୍ୟ ହେବା ଉଚିତ। କିଏ ଜାଣେ ସେମାନଙ୍କ ଭିତରୁ କିଏ ବିବେକାନନ୍ଦ, ଗାନ୍ଧି, ଗୋପବନ୍ଧୁ ହୋଇ ନ ବାହାରିବେ। ଆଉ କିଛି ବାପାମାଆ ପିଲାକୁ ପାଠ ପଢ଼ାଇବାରେ ଅକ୍ଷମତା ପ୍ରକାଶ କରିଥାଆନ୍ତି, ସେମିତି କ୍ଷେତ୍ରରେ ପାଠାଗାରଟିଏ ତା'ପାଇଁ ବରଦାୟକ ହୋଇଥାଏ। ପାଠାଗାରର ପୁସ୍ତକ ତାକୁ ବିଶେଷ ସହାୟକ ହୋଇଥାଏ ଆଉ ସେ ନିଜର ଲକ୍ଷ୍ୟପଥରେ ପହଞ୍ଚିବାରେ ସକ୍ଷମ ହୋଇଥାଏ।

## ବରିଷ୍ଠ ନାଗରିକଙ୍କୁ ସମ୍ମାନ


ଯେଉଁ ବରିଷ୍ଠମାନଙ୍କର ଜୀବନ ବ୍ୟାପୀ ସାଧନାର ଫଳ ଆମକୁ ବଡ଼ମଣିଷ କରିବାରେ ସହାୟକ ହୋଇଥାଏ, ତାଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଆଜି ଯେତେବେଳେ ତାଙ୍କ ସହିତ ଦୁଃଖସୁଖ ଦି'ପଦ କଥା ହେବାକୁ ଘରେ କାହାପାଖରେ ସମୟ ନଥାଏ, ସେମାନେ ସେତେବେଳେ ପାଠାଗାରରେ ବହି ସାଙ୍ଗରେ ସମୟ କାଟିବାକୁ ପସନ୍ଦ କରିଥାଆନ୍ତି। ସେମାନଙ୍କ ଭାବନାକୁ ସମ୍ମାନ ଜଣାଇ ପାଠାଗାର କର୍ମକର୍ତ୍ତା ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ସେମାନେ ଆକୃଷ୍ଟହୋଇ ପାଠାଗାରକୁ ଆସି ଖୁସିରେ ସମୟ ବିତାଇଥାଆନ୍ତି।


ଏମିତି ଆମ ପାଠାଗାର, ଯିଏ ସଂସାରର ସମସ୍ତଙ୍କ କାମରେ ଆସୁଥିବା ଉତ୍ତମ ବନ୍ଧୁ, ପ୍ରକୃତ ମାର୍ଗଦର୍ଶକ, ଆଉ ସିଏ ପୁଣି ଶାନ୍ତିର ମନ୍ଦିର, ଯେଉଁଠାରେ ସମସ୍ତଙ୍କ ପାଇଁ ଭରପୂର ଆନନ୍ଦ ପାଇବାର ସୁଯୋଗ ଭରିରହିଛି। ଗୋଟିଏ ସୁସଙ୍ଗଠିତ ପାଠାଗାର ବ୍ୟକ୍ତିକୁ ସଶକ୍ତିକରଣ କରିଥାଏ, ଗୋଷ୍ଠୀକୁ ସୁଦୃଢ଼ କରିଥାଏ। ଆଉ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି ଆଣିବା ସହିତ ଶିକ୍ଷା ବ୍ୟବସ୍ଥା ଏବଂ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଅତଏବ, ସରକାରୀ ବେସରକାରୀ ସବୁ କ୍ଷେତ୍ରର ସହଯୋଗରେ ଓଡ଼ିଶାରେ ସର୍ବସାଧାରଣ ପାଠାଗାର ପ୍ରଗତିର ଶୀର୍ଷ ସୋପାନରେ ପହଞ୍ଚିବ, ଏହି ଆଶା କରିବା ସହିତ ଆପଣମାନଙ୍କ ସହଯୋଗ କାମନା କରୁଅଛି। ■

ମୁଖ୍ୟ ଗ୍ରନ୍ଥାଗାରିକ
'କିସ୍' ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୭୫୧୦୨୪, ମୋ: ୯୭୭୬୬୯୨୨୦୭

# ଉଚ୍ଚଶିକ୍ଷାରେ ପାଠାଗାରର ଭୂମିକା







ଡକ୍ଟର ଦେବରାଜ ମେହେର

ପାଠାଗାର ହେଉଛି ଶିକ୍ଷା ଏବଂ ଗବେଷଣା ବ୍ୟବସ୍ଥାର ଏକ ଅତ୍ୟାବଶ୍ୟକ ଏବଂ ଅବିଚ୍ଛେଦ୍ୟ ଅଂଶ । ପାଠାଗାର ସେବା ସୂଚନା ପ୍ରସାର, ଜ୍ଞାନ ଆହରଣ ଏବଂ ମନୋରଞ୍ଜନ ପ୍ରଦାନ ତଥା ସାଂସ୍କୃତିକ ଐତିହ୍ୟର ସୁରକ୍ଷା କାର୍ଯ୍ୟ ପୂରଣ କରିଥାଏ । ସାଧାରଣତଃ ତିନି ପ୍ରକାର ପାଠାଗାର ପ୍ରଣାଳୀ ଥାଏ, ଯଥା- ସାର୍ବଜନୀନ, ଶୈକ୍ଷିକ ଏବଂ ସ୍ୱତନ୍ତ୍ର । ପ୍ରଥମ ପ୍ରଣାଳୀ ଜନସାଧାରଣଙ୍କ ସକାଶେ, ସେ ଯେକୌଣସି ବର୍ଗର ହୋଇଥାଉନା କାହିଁକି; ଦ୍ୱିତୀୟ ପ୍ରଣାଳୀ କୌଣସି ଶୈକ୍ଷିକ ସଂସ୍ଥା ସହିତ ଜଡ଼ିତ ଥାଇ ଛାତ୍ରଛାତ୍ରୀ, ଶିକ୍ଷକ, ଗବେଷକମାନଙ୍କ ଚାହିଦାକୁ ମେଣ୍ଟାଇ ଥାଏ; ତୃତୀୟ ପ୍ରକାର ପାଠାଗାର ତିଆରି ହୋଇଥାଏ ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ପାଇଁ କିମ୍ବା ନିର୍ଦ୍ଦିଷ୍ଟ ପ୍ରକାରର ପଠନ ସାମଗ୍ରୀକୁ ନେଇ । ଉଦାହରଣ ସ୍ୱରୂପ ବ୍ରେଲି ଲାଇବ୍ରେରି ଦିବ୍ୟାଙ୍ଗ କିମ୍ବା ଜେଲ୍ ଲାଇବ୍ରେରି ଜେଲ୍ ଅନ୍ତେବାସୀଙ୍କ ପାଇଁ ତିଆରି ହୋଇଥାଏ ।

## ଓଡ଼ିଶା ପରିପ୍ରେକ୍ଷୀରେ ପାଠାଗାର

ଓଡ଼ିଶା କଥା ବିଚାର କଲେ କଳିଙ୍ଗ, ଉତ୍କଳ, ଉଡ୍ର, ଦକ୍ଷିଣ କୋଶଳ ଏବଂ ଆଧୁନିକ ଓଡ଼ିଶା ରାଜ୍ୟରେ ଆଦ୍ୟ କାଳରୁ ପାଠାଗାରଗୁଡ଼ିକ ଶିକ୍ଷା, ମନୋରଞ୍ଜନ ଏବଂ ସୂଚନା କେନ୍ଦ୍ରର ଭୂମିକା ନିର୍ବାହ କରିଆସିଛନ୍ତି । ପ୍ରାଗୈତିହାସିକ ଯୁଗରେ ପ୍ରାରମ୍ଭିକ ଅଧିବାସୀ ପ୍ରସ୍ତରକୁ କାଟି ଗୁମ୍ଫାରେ ଲାଇବ୍ରେରି କରିଥିଲା । ସେହିପରି 'ଭାଗବତ ଟୁଙ୍ଗି'ରେ ସ୍ଥାନ ପାଇଥିଲା ଧାର୍ମିକ ଶାସ୍ତ୍ର, ଭାଗବତ ଗୀତା, ପୁରାଣ, ତାଳପତ୍ର ପୋଥି, ପାଣ୍ଡୁଲିପି ଇତ୍ୟାଦି । ଆଧୁନିକ ଯୁଗରେ ପ୍ରତିଷ୍ଠା ହୋଇଥିଲା ବିଭିନ୍ନ ପାଠାଗାର । ୧୮୯୭ ମସିହାରେ କେନ୍ଦ୍ରାପଡ଼ା ଏବଂ ୧୮୯୮ରେ ବାରିପଦାର 'ଗୋଲଡେନ୍ ଜୁବିଲି ଲାଇବ୍ରେରି', ଭୁବନେଶ୍ୱରର 'ରାମକୃଷ୍ଣ ମିଶନ ମଠ' ଆଦି ସ୍ୱାଧୀନତା-ପୂର୍ବ ସମୟର ପାଠାଗାରର ଗୋଟିଏ ଗୋଟିଏ ପ୍ରମୁଖ ଉଦାହରଣ ।







## ସାର୍ବଜନୀନ ପାଠାଗାର

ଓଡ଼ିଶାରେ ଯଦି କେହିଜଣେ ସାର୍ବଜନୀନ ପାଠାଗାର କଥା ଚିନ୍ତା କରେ, ପ୍ରଥମେ ମନକୁ ଆସେ ଭୁବନେଶ୍ୱରସ୍ଥିତ 'ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର' । ଯଦିଓ ଏହି ଗ୍ରନ୍ଥାଗାର ପାଇଁ ୧୯୫୯ ମସିହାରେ ତିନି ଏକର ବିଶିଷ୍ଟ ଏକ ଜମିରେ ୧୬୦୦୦ ବର୍ଗଫୁଟରେ ପାଠାଗାର ଭବନ ତିଆରି ହୋଇଥଲା, ଏହାର ପ୍ରକୃତ ଆକୃତି ପାଇଥିଲା ୧୯୮୭ ମସିହା ପାଠାଗାର ବିନ୍ଧାଣି ଡ. ଡି. ଆର୍. କାଳିଆଙ୍କ ନିପୁଣ ହସ୍ତରେ । ଏହି ଭବନରେ ଦୁଇଟି ପାଠାଗାରଙ୍କ ଅବସ୍ଥିତ । ଗୋଟିଏ ରାଜ୍ୟ ପାଠାଗାର ଏବଂ ଅନ୍ୟଟି ଭୁବନେଶ୍ୱର ସାର୍ବଜନୀନ ପାଠାଗାର । ଇଣ୍ଡୋଲୋଜି ସହିତ ଏହାର ସଂଗ୍ରହ ୨୦୦୦୦୦ ଅତିକ୍ରମଣ କରିସାରିଛି । ଏହି ପାଠାଗାର ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରିଥାଏ । ଏହି ବିଭାଗ ଅଧୀନରେ ୨ଟି ସବ୍‌ଡିଭିଜନ ପାଠାଗାର, ୧୭ଟି ଜିଲ୍ଲା ପାଠାଗାର, ୬ଟି ପୂର୍ବତନ ଜିଲ୍ଲା ପାଠାଗାର, ୪ଟି ସ୍ମାରକୀ ହଲ ପାଠାଗାର ଏବଂ ୫ଟି ସହାୟତାପ୍ରାପ୍ତ ଆସୋସିଏସନ୍ ପାଠାଗାର ଅଛି । ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଆଧୀନରେ ୧୩ଟି ସୂଚନା କେନ୍ଦ୍ର-ସହ-ପଠନ କକ୍ଷ ୧୩ଟି ପୌରପାଳିକା ଏବଂ ଏନ୍.ଏ. ସି. ପାଠାଗାର ରହିଛି । ତତ୍‌ସହିତ ରହିଛି ୩୧୪ଟି ବ୍ଲକ୍ ସ୍ତରୀୟ ପାଠାଗାର ।

ଓଡ଼ିଶା ପବ୍ଲିକ୍ ଲାଇବ୍ରେରି ଲେଜିସ୍‌ଲେସନ୍ ଆକ୍ଟ ୨୦୦୧ ରେ ପାରିତ ହୋଇଛି । ଉପରୋକ୍ତ ସମସ୍ତ ପାଠାଗାରକୁ ଅନ୍ତର୍ଭୁକ୍ତ କରି ଏହି ଅଧିନିୟମ, ଶୀର୍ଷରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସବା ତଳେ ଗ୍ରାମ ସ୍ତରୀୟ ପାଠାଗାର/ ସୂଚନା ବ୍ୟବସ୍ଥା ସହିତ ଏକ ସାର୍ବଜନୀନ ପାଠାଗାର ବ୍ୟବସ୍ଥାକୁ ଆକାର ଦେବ ବୋଲି ଆଶା କରାଯାଉଛି । କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ ।



## ସ୍ୱତନ୍ତ୍ର ପାଠାଗାର

ଯେଉଁ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିଥାନ୍ତି, ସେମାନଙ୍କ ପାଇଁ ବ୍ରେଲ୍ ଲାଇବ୍ରେରି ଉପଲବ୍ଧ ଥାଏ। ନିକଟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଲାଇବ୍ରେରି ଏହାର 'ଭୀମ ଭୋଇ ବ୍ରେଲ୍ ଲାଇବ୍ରେରି'କୁ ନବୀକରଣ କରିଛି । ଏ ସକାଶେ ୨୦ଟି କମ୍ପ୍ୟୁଟର, ସାଧାରଣ ପୁସ୍ତକକୁ ବ୍ରେଲ୍‌ରେ ପରିବର୍ତ୍ତନ କରିବା ପାଇଁ 'ପର୍ଲ' ନାମକ ଏକ ସ୍ୱତନ୍ତ୍ର ସ୍କାନର୍, ଯାହା ବହିର ପୃଷ୍ଠାଗୁଡ଼ିକୁ ଅଡିଓ ଫର୍ମାଟ୍‌ରେ କରିପାରିବ ତା'ର ବ୍ୟବସ୍ଥା କରାଯାଇଛି । ଏହି ପାଠାଗାରରେ ୧୬,୦୦୦ ଡିଜିଟାଲ୍ ଅଡିଓ ବୁକ୍, ୧୦୬ ବ୍ରେଲ୍ ପୁସ୍ତକ ଓ ଜର୍ଣ୍ଣାଲ ରହିଛି ।

ରାଜ୍ୟ ସଂଗ୍ରହାଳୟର ଲାଇବ୍ରେରିରେ ପ୍ରତ୍ନତତ୍ତ୍ୱ, ଏପିଗ୍ରାଫି, ମୁଦ୍ରା, ବିଜ୍ଞାନ, ଅସ୍ତ୍ରଶସ୍ତ୍ର, ଖଣି, ଭୂତତ୍ତ୍ୱ, ପ୍ରାକୃତିକ ଇତିହାସ, କଳା ଏବଂ ହସ୍ତଶିଳ୍ପ, ସମସାମୟିକ କଳା, ପଟ୍ଟ ଚିତ୍ରକଳା, ନୃତତ୍ତ୍ୱ ବିଜ୍ଞାନ, ତାଳପତ୍ର ପାଣ୍ଡୁଲିପି ଇତ୍ୟାଦି ବିଭିନ୍ନ ବିଭାଗର ଦସ୍ତାବିଜ ଏବଂ ସମ୍ବଳ ରହିଛି । ଆଦିବାସୀ ଗବେଷଣା ପ୍ରତିଷ୍ଠାନ ସଂଗ୍ରହାଳୟରେ ଥିବା ଲାଇବ୍ରେରିଟି ଗବେଷଣା ରିପୋର୍ଟ, ମୋନୋଗ୍ରାଫ୍ ଏକ ବ୍ୟାପକ ସଂଗ୍ରହ ବ୍ୟତୀତ ସ୍ୱଦେଶୀ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ କଳା ଏବଂ ହସ୍ତଶିଳ୍ପ ବସ୍ତୁରେ ସଜ୍ଜିତ ହୋଇଛି । ଜାତୀୟ ପ୍ରାକୃତିକ ଇତିହାସ ସଂଗ୍ରହାଳୟ ବିଶେଷ କରି ଭାରତର ପୂର୍ବ ଭାଗର ପ୍ରାକୃତିକ ଐତିହ୍ୟର ବିବିଧ ଜୈବବିବିଧତାକୁ ପ୍ରଦର୍ଶିତ କରିଥାଏ।

ଭୁବନେଶ୍ୱରର ରାଜ୍ୟ ଅଭିଲେଖାଗାରରେ ୧୯୦୭୧୮ ରେକର୍ଡ, ୨୫୬୮ଟି ଜର୍ଣ୍ଣାଲ, ୪୮୬୪ଟି ପୁସ୍ତକ, ୯୭୪୭ଟି ରିପୋର୍ଟ, ୪୨୭୯ଟି ଗେଜେଟ୍, ୧୪୦ଟି ସମ୍ବାଦପତ୍ର ଏବଂ ଆହୁରି ଅନେକ ଦସ୍ତାବିଜ୍ ରହିଛି। ଏହା ବ୍ୟତୀତ, ଏଠାରେ ଏକ ମୌଖିକ ଅଭିଲେଖାଗାର ଅଛି, ଯେଉଁଥିରେ ରାଜ୍ୟର ଐତିହାସିକ ଗବେଷଣା ସମ୍ବନ୍ଧରେ ଉପଯୋଗ ପାଇଁ ଟେପ୍‌ରେ ରେକର୍ଡ ହୋଇଥିବା ୨୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଅଭିଜ୍ଞତା ଅନ୍ତର୍ଭୁକ୍ତ।

## କନିକା ଲାଇବ୍ରେରି, ରେଭେନ୍ସା ବିଶ୍ୱବିଦ୍ୟାଳୟ

ଓଡ଼ିଶାର କେତେକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଲାଇବ୍ରେରି ସଂପର୍କରେ ଆଲୋଚନା କରିବା। ୧୮୬୮ ମସିହାରେ କଟକରେ ରେଭେନ୍ସା କଲେଜ ସ୍ଥାପିତ ହୋଇଛି। ୨୦୦୬ ମସିହାରେ ଏହି ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା। ଏଠାରେ ଓଡ଼ିଶା ରାଜ୍ୟର ସର୍ବପୁରାତନ ଏବଂ ସର୍ବବୃହତ୍ ପାଠାଗାର ରହିଛି। ୧୯୨୨ ମସିହାରେ 'କନିକା ଲାଇବ୍ରେରି' ପ୍ରତିଷ୍ଠା କରାଯାଇଥିଲା। କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହି ପାଠାଗାର ପାଇଁ ସେତେବେଳେ ୫୫ ହଜାର ଟଙ୍କା ପ୍ରଦାନ କରିଥିଲେ। ୯ ହଜାର ବର୍ଗଫୁଟ ଅଞ୍ଚଳ ପରିମିତ ଏହି ଲାଇବ୍ରେରିରେ ପ୍ରାୟ ଅଢ଼େଇ ଲକ୍ଷ ପୁସ୍ତକ ରହିଛି। ଏଥି ମଧ୍ୟରେ କିଛି ଦୁର୍ଲଭ ପୁସ୍ତକ ମଧ୍ୟ ଗଚ୍ଛିତ ଅଛି। ଏହା ବ୍ୟତୀତ, ଉଚ୍ଚଶିକ୍ଷା ବିଭାଗର କନ୍‌ସର୍ଟିଅମ୍ ଅଧୀନରେ, ଲାଇବ୍ରେରିରେ ଇ.ବି.ଏସ୍.ସି.ଓ., ପ୍ରୋକ୍ୱେଷ୍ଟ ଏବଂ ସାଇନ୍ସଡାଇରେକ୍ଟର ଡାଟାବେସ୍ ରହିଛି। କନିକା ପାଠାଗାରର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ରେଭେନ୍ସା ନଲେଜ୍ ପୋର୍ଟାଲ, ଇଣ୍ଟରନେଟ୍ ତଥା ଡିଜିଟାଲ୍ ଲାଇବ୍ରେରି, ଅନ୍-ଲାଇନ୍ ରିଡିଂ ରୁମ୍, ୟୁଜିସି ଇନ୍‌ଫ୍ଲିବନେଟ୍ ନେଟ୍‌ୱାର୍କ, ଜାତୀୟ ଜ୍ଞାନ ନେଟୱାର୍କ, ସବ୍‌ଜେକ୍ଟ ଡାଟାବେସ୍, ଅନ୍‌ଲାଇନ୍ ଜର୍ଣ୍ଣାଲ, ଇ-ସମ୍ବଳ ଭଳି ଅଭିନବ ସେବା ପ୍ରଦାନ କରୁଥିବା ରେଭେନ୍ସା ଜ୍ଞାନ କେନ୍ଦ୍ର (ଆର୍‌କେସି) ପ୍ରତିଷ୍ଠା କରିବା ସାମିଲ ରହିଛି। ଏହା ବ୍ୟତୀତ, ପ୍ରସିଦ୍ଧ ଓଡ଼ିଆ ଗାୟକ ଏବଂ ଗୀତିକାରଙ୍କ ନାମରେ ଏକ ସଙ୍ଗୀତ ପାଠାଗାର ରହିଛି। ପୁରୁଣା ଏବଂ ବିରଳ ପୁସ୍ତକ ତଥା ପାଣ୍ଡୁଲିପିର ଡିଜିଟାଇଜେସନ୍ ହୋଇଛି।

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଲାଇବ୍ରେରି


ଶିକ୍ଷା ଓ ଗବେଷଣା ବ୍ୟବସ୍ଥାର ଅଂଶବିଶେଷ ଭାବେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କେନ୍ଦ୍ରୀୟ ପାଠାଗାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। କେନ୍ଦ୍ରୀୟ ପାଠାଗାର ଏହାର ବ୍ୟବହାରକାରୀଙ୍କୁ ସେବା ପ୍ରଦାନ କରିଥାଏ। ଏଥିରେ ସ୍ନାତକ ଛାତ୍ର, ସ୍ନାତକୋତ୍ତର ଛାତ୍ର, ଗବେଷଣା ବିଦ୍ୱାନ, ବୈଜ୍ଞାନିକ, ଶିକ୍ଷକ, ପ୍ରଶାସକ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଅନ୍ତର୍ଭୁକ୍ତ। କେନ୍ଦ୍ରୀୟ ପାଠାଗାରରେ ୧୧୦୦୦୦ ଖଣ୍ଡ ପୁସ୍ତକ, ୧୧୦ଟି ସାମ୍ପ୍ରତିକ



ଜର୍ଣ୍ଣାଲ, ୨୨ ୬୯୭ଟି ବ୍ୟାକ୍ ଭଲ୍ୟୁମ୍, ୧୦୯୮୩ ଟି ରିପୋର୍ଟ, ୫୪୯ ପିଏଚ୍‌ଡି ଏବଂ ୭୦୩୩ ଟି ପିଜି ଥେସିସ୍, ୪୦୦୦୦ ପ୍ରୋକ୍ୱେଷ୍ଟ ଇ-ବୁକ୍, ୧୯୦ ସ୍ଥାୟୀ ଇ-ବୁକ୍ ଏବଂ ସାଇନ୍ସ ଡାଇରେକ୍ଟର, ୧୧୭୫ ଇ-ବୁକ୍ ଗଚ୍ଛିତ ହୋଇଛି। ସିଡି ରୋମ୍ ଡାଟାବେସ୍, କ୍ୟାବ୍ ଆବଷ୍ଟ୍ରାକ୍ଟ, CeRA, ୫୨୦୦ ଟି ଇ-ଜର୍ଣ୍ଣାଲ ମଧ୍ୟ ଅନ୍ତର୍ଭୁକ୍ତ। ଏହା ଜେ. ଏ. ବି. ଏସ୍. ଏବଂ ଟର୍ନିଟିନ୍-ପ୍ଲେଜିୟାରିଜମ୍ ସଫ୍ଟୱେୟାରକୁ ସବ୍‌ସ୍କ୍ରାଇବ୍ କରିଅଛି। ଏହି ଲାଇବ୍ରେରି କୋହା ଲାଇବ୍ରେରୀ ମ୍ୟାନେଜ୍‌ମେଣ୍ଟ ସଫ୍ଟୱେର୍ ସହିତ ସ୍ୱୟଂଚାଳିତ, ସମସ୍ତ ଥେସିସ୍ ଡିଜିଟାଇଜେସନ୍, କୃଷିକୋଷ ଏବଂ ଶୋଧସିନ୍ଧୁ ରିପୋଜିଟୋରିରେ ଅପଲୋଡ୍ ହୋଇଛି। ଏହା ସମସ୍ତ ଇ-ରିସୋର୍ସେସ୍ ରିମୋଟଏକ୍ସ ମାଧ୍ୟମରେ ଉପଲବ୍ଧ। ସଂକ୍ଷେପରେ ଏହା ଏକ ସ୍ୱୟଂଚାଳିତ, ଡିଜିଟାଇଜଡ୍, ଆର୍. ଏଫ୍. ଆଇ. ଡି. ସକ୍ଷମ (ସ୍ୱୟଂ ଯାଞ୍ଚ) ଏବଂ ଦୂରରୁ ଅଭିଗମ୍ୟ ଲାଇବ୍ରେରି।

## ଶୈକ୍ଷିକ ପାଠାଗାର

ଏକ ଶିକ୍ଷା ଅନୁଷ୍ଠାନରେ ଛାତ୍ର, ଶିକ୍ଷକ ଏବଂ ଗବେଷକଙ୍କ ସୂଚନା ଆବଶ୍ୟତାକୁ ପୂରଣ କରିବାରେ ଲାଇବ୍ରେରିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ କିଛି ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ବିକଶିତ ହୋଇଥିବାରୁ କଲେଜ, ବିଶ୍ୱବିଦ୍ୟାଳୟ ଲାଇବ୍ରେରିଗୁଡ଼ିକ ମଧ୍ୟ ଶିକ୍ଷକ ଏବଂ ଛାତ୍ରମାନଙ୍କୁ ଅଧିକ ପ୍ରଭାବଶାଳୀ ଭାବରେ ସେବା କରିଆସିଛି। ଶିକ୍ଷା ଏବଂ ଗବେଷଣା ଲାଇବ୍ରେରିଗୁଡ଼ିକ ଡିଜିଟାଲ୍ ଟେକ୍ନୋଲୋଜିର ପ୍ରାରମ୍ଭିକ ଗ୍ରହଣକାରୀ ଅଟନ୍ତି। ଏକାଡେମିକ୍ ଉଦ୍‌ଯୋଗକୁ ପୁନଃନିର୍ମାଣ କରିବାରେ ସାହାଯ୍ୟ କରିବାକୁ ନେତୃତ୍ୱ ଏବଂ ତାଲିମ ପ୍ରଦାନ କରିଛନ୍ତି। ଆଧୁନିକ ସୂଚନା ସମାଜରେ ଆଧୁନିକ ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସହିତ ପ୍ରଯୁକ୍ତିଗତ ବିକାଶର ଦ୍ରୁତ ଅଗ୍ରଗତି ଶିକ୍ଷାନୁଷ୍ଠାନକୁ ଉଭୟ ପାରମ୍ପରିକ ଏବଂ ଇଲେକ୍ଟ୍ରୋନିକ୍ସ ସମ୍ବଳକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାର କ୍ଷମତା ପ୍ରଦାନ କରିଛି। ଓଡ଼ିଶାର କଲେଜ ଲାଇବ୍ରେରିଗୁଡ଼ିକ ଏବେ ବି ସୀମିତ ସେବା ଯେପରିକି ବହି- ନେଣଦେଣ, ପଠନକକ୍ଷ ସେବା ପ୍ରଦାନ କରୁଛନ୍ତି। ତେବେ ବିଶ୍ୱବିଦ୍ୟାଳୟ ଲାଇବ୍ରେରିଗୁଡ଼ିକ ସମୟ ସହିତ ତାଳଦେଇ ଚାଲିଛନ୍ତି ।



## ପରିଜା ପାଠାଗାର, ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ରହିଛି କେନ୍ଦ୍ରୀୟ ପାଠାଗାର। ଏହି ପାଠାଗାରଟି ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ନାମରେ ନାମିତ ହୋଇଛି। ଓଡ଼ିଶା ରାଜ୍ୟର ସର୍ବୋତ୍ତମ ପାଠାଗାର ମଧ୍ୟରୁ ଅନ୍ୟତମ। ୧୯୪୬ ମସିହାରେ କଟକରେ ସ୍ଥାପିତ ହୋଇଥିଲା, ଏହାକୁ ୧୯୬୨ ମସିହାରେ ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ସ୍ଥାନାନ୍ତର କରାଯାଇଥିଲା। ଲାଇବ୍ରେରିର କୋଠା ଚିତ୍ତାକର୍ଷକ, ୨୮୦୦୦ ବର୍ଗ ଫୁଟରେ ନିର୍ମିତ ଏହି ପାଠାଗାରଟି। 'ପରିଜା ପାଠାଗାର'ରେ ୨ ଲକ୍ଷରୁ ଅଧିକ ପୁସ୍ତକ, ୫୮୦୦୦ ଦୁର୍ଲଭ ପାଣ୍ଡୁଲିପି ରହିଛି। ଇ-ଗ୍ରନ୍ଥାଳୟ ବା ଲାଇବ୍ରେରି ମ୍ୟାନେଜମେଣ୍ଟ ସଫ୍ଟୱେର୍ ସହିତ ଆରଏଫ୍‌ଆଇଡି ଟେକ୍ନୋଲୋଜି ବ୍ୟବହାର କରି ପରିଜା ଲାଇବ୍ରେରି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ। ଏହି ଲାଇବ୍ରେରି ସମସ୍ତ ବ୍ୟବହାରକାରୀଙ୍କ ପାଇଁ ମାଗଣା ୱାଇଫାଇ ସେବା ପ୍ରଦାନ କରିଥାଏ।





## ବିଜୁ ପଟ୍ଟନାୟକ କେନ୍ଦ୍ରୀୟ ପାଠାଗାର, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି

ଛାତ୍ରଛାତ୍ରୀଙ୍କର ଜ୍ଞାନକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏନ୍.ଆଇ.ଟି.ଆର୍. କେନ୍ଦ୍ରୀୟ ପାଠାଗାର (ବିପିସିଏଲ୍) ପକ୍ଷରୁ ୯୦୭୦୦ଟି ପୁସ୍ତକ, ୯୦ଟି ଜର୍ଣ୍ଣାଲ, ୧୮୦୦୦ ବାଉଣ୍ଡ ଭଲିଉମ, ଥେସିସ (ପ୍ରିଣ୍ଟ), ୮୦୦୦ଟି ଇ-ଜର୍ଣ୍ଣାଲ, ୪୦୩୫ଟି ଇ-ଡାଟାବେସ୍, ୧୩୪୦୦ଟି ଇ-ବୁକ୍, ୭୬୧୬ଟି ଇ-ଥେସିସ, ଅଡିଓ-ଭିଜୁଆଲ୍ ସାମଗ୍ରୀ, ସିଡି-ରାମ୍, ପେଟେଣ୍ଟ, ଷ୍ଟାଣ୍ଡାର୍ଡ ଏବଂ ଆହୁରି ଅନେକ ତଥ୍ୟ ସଂଗ୍ରହ କରାଯାଇଛି। ବିପିସିଏଲ୍ ଲିବ୍ସିସ୍-ଏଲ-ସ୍ମାର୍ଟ ନାମକ ସମନ୍ୱିତ ଲାଇବ୍ରେରି ସଫ୍ଟୱେର୍ ପାକେଜ୍ ସହିତ ସ୍ୱୟଂଚାଳିତ ଏବଂ ଅତ୍ୟାଧୁନିକ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍ (ଆର୍‌ଏଫ୍‌ଆଇଡି) ଆଧାରିତ ସ୍ୱୟଂଚାଳିତ ସିଷ୍ଟମ ସହିତ ଆଧୁନିକୀକରଣ କରାଯାଇଛି, ଯାହା ସ୍ୱୟଂ ଯାଞ୍ଚ ଏବଂ ସ୍ୱୟଂଚାଳିତ ସୁରକ୍ଷା ସିଷ୍ଟମକୁ ସହଜ କରିଥାଏ। ଏହା ବ୍ୟତୀତ, ଏହାର ଅନନ୍ୟ ସଂଗ୍ରହ ହେଉଛି 'ଓଡ଼ିଆ ପୁସ୍ତକକୁ ମୁକ୍ତ ପ୍ରବେଶ' (ପ୍ରକଳ୍ପ ଓଏଓବି)। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଆ ଭାଷାରେ ଲିଖିତ ପୁରୁଣା, ବିରଳ ଏବଂ ନୂତନ ସାହିତ୍ୟ ସହିତ ଅନ୍ୟାନ୍ୟ ଗ୍ରନ୍ଥକୁ ଡିଜିଟାଇଜେସନ୍ କରି ଓଡ଼ିଶାର ସାଂସ୍କୃତିକ ଇତିହାସକୁ ସଂରକ୍ଷିତ କରିବା। ଏହାର ପ୍ରାଥମିକତା ହେଉଛି ବିରଳ ଏବଂ କପି ରାଇଟ୍‌ମୁକ୍ତ ଓଡ଼ିଆ ଡକୁମେଣ୍ଟଗୁଡ଼ିକ ଡିଜିଟାଇଜେସନ କରିବା ଏବଂ ସମସ୍ତଙ୍କୁ ସହଜ ଉପଲବ୍ଧ କରାଇବା।

## ବୀର ସୁରେନ୍ଦ୍ର ସାଏ ୟୁନିଭର୍‌ସିଟି ଅଫ୍ ଟେକ୍ନୋଲୋଜି ଲାଇବ୍ରେରି

୧୯୯୭ ମସିହା ଜୁଲାଇରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭର୍‌ସିଟି ଅଫ୍ ଟେକ୍ନୋଲୋଜିର ନିର୍ମିତ ନୂତନ ଲାଇବ୍ରେରି ତିନି ମହଲା ବିଶିଷ୍ଟ। ଏହି ଲାଇବ୍ରେରିରେ ୭୦୪୩୪ଟି ପୁସ୍ତକ, ୯୦୨୦ ଖଣ୍ଡ ଜର୍ଣ୍ଣାଲ, ୫୦୦୦ଟି ଥେସିସ୍ ଏବଂ ଗବେଷଣାତ୍ମକ ନିବନ୍ଧ, ସାଇନ୍ସ ଡାଇରେକ୍ଟ ଇ-ରିସୋର୍ସେସ ଉପଲବ୍ଧ ରହିଛି। ପୁରୁଣା ଅନ୍ତର୍ଜାତୀୟ ଜର୍ଣ୍ଣାଲଗୁଡ଼ିକର ଅଭିଲେଖ-ପାଖାପାଖି ଏକ କୋଟି ପୃଷ୍ଠା, ୱେବ ଅଫ୍ ସାଇନ୍ସ କୋର କଲେକ୍ସନ, ଏସ୍‌ସିଆଇ/ଏସ୍‌ସିଆଇଇର ସଦସ୍ୟ ରହିଛନ୍ତି।

## ଆର୍.ପି. ପାଢ଼ୀ ପାଠାଗାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆର୍. ପି. ପାଢ଼ୀ ଲାଇବ୍ରେରି ୧୯୬୮ ମସିହାରେ ସ୍ଥାପିତ ହୋଇଥିଲା। ଏଥିରେ ୧୨୮୦୦୦ରୁ ଅଧିକ ପୁସ୍ତକ, ୭୭୦୦ରୁ ଅଧିକ ଦୁର୍ଲଭ ପୁସ୍ତକ, ୮୩୦ଟି ବ୍ୟାକ୍ ଭଲ୍ୟୁମ୍ ଜର୍ଣ୍ଣାଲ୍, ୟୁଜିସି ଇନଫୋ-ନେଟ୍ ମାଧ୍ୟମରେ ୮୦୦୦ରୁ ଅଧିକ ଇ-ଜର୍ଣ୍ଣାଲ୍, ୧୭୯୭ଟି ପିଏଚ୍‌ଡି ଥେସିସ୍ ରହିଛି। ଏହା ୧୧୭ଟି ପ୍ରିଣ୍ଟ ଜର୍ଣ୍ଣାଲ ଏବଂ ୨୦ଟି ଖବରକାଗଜକୁ ସବ୍‌ସ୍କ୍ରାଇବ୍ କରେ।

## କେନ୍ଦ୍ରୀୟ ପାଠାଗାର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୯୮ ଅନୁଯାୟୀ ବାରିପଦାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାମରେ ଏହାର ନାମକରଣ କରାଯାଇଛି। ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପାଠାଗାର ୨୦୦୧ ମସିହାରେ ସ୍ଥାପିତ ହୋଇଥିଲା। ଏହି ପାଠାଗାରରେ ୫୪୦୯୯ ସଂଖ୍ୟକ ପାଠ୍ୟ ଏବଂ ସନ୍ଦର୍ଭ ପୁସ୍ତକ ରହିଛି, ଯେଉଁଥିରେ ୫୮ଟି ଜର୍ଣ୍ଣାଲ, ଇ. ବି. ଏସ୍. ସି. ଆଦି ରହିଛି। SOUL 2.0 ସମନ୍ୱିତ ଲାଇବ୍ରେରି ପରିଚାଳନା ବ୍ୟବସ୍ଥା ସହିତ ସମନ୍ୱିତ RFID ଆଧାରିତ ସ୍ୱୟଂକ୍ରିୟକରଣ ସହିତ ଏହି ଲାଇବ୍ରେରି ସମ୍ପୂର୍ଣ୍ଣ ସ୍ୱୟଂକ୍ରିୟ ଅଟେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଠାଗାର

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୦୯ ଅନୁଯାୟୀ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି। ୨୦୦୯ ମସିହାରେ ଏଠାରେ କେନ୍ଦ୍ରୀୟ ପାଠାଗାର ଆରମ୍ଭ ହେଲା। ପାଠାଗାରର ସଂଗ୍ରହ ମଧ୍ୟରେ ୩୮୫୩୧ଟି ପାଠ୍ୟପୁସ୍ତକ, ୧୦୬୪ଟି ଇ-ବୁକ୍, ୧୩୨ଟି ପ୍ରିଣ୍ଟ ଜର୍ଣ୍ଣାଲ୍, ୬୮ଟି ଏମ୍‌ଫିଲ୍ ଥେସିସ,୮୦୦୦ ବାଉଣ୍ଡ ଭଲ୍ୟୁମ୍,୮ଟି ଇ-ରିସୋର୍ସେସ ଏହା ବ୍ୟତୀତ, ଏଥିରେ ସିଡି ଲାଇବ୍ରେରି, ରିମୋଟ୍ ଆକ୍ସେସ୍ ସୁବିଧା ଏବଂ ଚୋରି ଚିହ୍ନଟ ସଫ୍ଟୱେର୍ ଅଛି।

## କେନ୍ଦ୍ରୀୟ ପାଠାଗାର , ଫକୀର ମୋହନ ବିଶ୍ୱବିଦ୍ୟାଳୟ

୧୯୯୯ ମସିହାରେ ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ୨୦୦୫ ମସିହା ଜୁଲାଇ ୧୧ ତାରିଖରେ ଏହାର କେନ୍ଦ୍ରୀୟ ପାଠାଗାର ପ୍ରତିଷ୍ଠା କରାଯାଇଥିଲା। ପୁରୁଣା କ୍ୟାମ୍ପସ୍‌ରେ ଥିବା ଲାଇବ୍ରେରି ଭାରତର ବିଶିଷ୍ଟ ଐତିହାସିକ ପ୍ରଫେସର ଏମ୍. ଏନ୍ ଦାସ ତଥା ଏମ୍. ଏ. ଖାରବେଳ ସ୍ୱାଇଁଙ୍କ ସାଂସଦ ପାଣ୍ଠିରୁ ନିର୍ମିତ ହୋଇଥିଲା। ଏହି ପାଠାଗାରରେ ୪୯୮୪୪ ଟି ପୁସ୍ତକ ଏବଂ ଉଚ୍ଚ ଶିକ୍ଷା ଅଧୀନରେ ଥିବା ସମସ୍ତ କନ୍‌ସୋର୍ଟିୟମ୍ ସମ୍ବଳ ରହିଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

୧୯୯୯ ମସିହାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଲାଇବ୍ରେରି ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହି ଲାଇବ୍ରେରିରେ ୧୦,୦୦୦ ରୁ ଅଧିକ ସନ୍ଦର୍ଭ ପୁସ୍ତକ ଏବଂ ୧୨୦୦ଟି ପୁସ୍ତକ ମହଜୁଦ ଅଛି।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

୧୯୮୧ ମସିହାରେ ସ୍ଥାପିତ ହୋଇଥିଲା ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ। ୧୯୯୧ ମସିହାରେ ଏଠାରେ ପାଠାଗାର କୋଠା ନିର୍ମିତ ହୋଇଥିଲା। ଏହି ପାଠାଗାରରେ ୩୫୦୦୦ ପୁସ୍ତକ, ୫୦୦ ରେଫେରାଲ୍ ଜର୍ଣ୍ଣାଲ୍ ୨୦୦ ଟି ପାଣ୍ଡୁଲିପି ଆଦି ରହିଛି।

## ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପାଠାଗାର

୨୦୦୭ ମସିହା ସେପ୍ଟେମ୍ବର ୬ ତାରିଖରେ 'ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ' ପ୍ରତିଷ୍ଠା କରାଯାଇଥିଲା। ଏଠାରେ ଥିବା ପାଠାଗାରରେ ୨୫୧୦୫ଟି ପୁସ୍ତକ, ୧୦୧୪୧ଟି ଇ-ପୁସ୍ତକ, ୧୧୧୩୦ଟି ଇ-ଜର୍ଣ୍ଣାଲ, ୩୧ଟି ଇ-ଡାଟାବେସ୍, ୫୮୮ଟି ଥେସିସ୍ ଏବଂ ଗବେଷଣାତ୍ମକ ନିବନ୍ଧ, ୧୪୫୮ଟି ବାଉଣ୍ଡ ଜର୍ଣ୍ଣାଲ ସହିତ ଏକ ଭଲ କେନ୍ଦ୍ରୀୟ ଲାଇବ୍ରେରୀ ରହିଛି। ଏଥିରେ 'ଗ୍ରାମର୍ଲି', 'ଆଇଥେଣ୍ଟିକେଟ୍' ଭଳି ଗବେଷଣା ସହାୟକ ଉପକରଣ ରହିଛି। ଏହା କୋହା ଲାଇବ୍ରେରି ମ୍ୟାନେଜମେଣ୍ଟ ସିଷ୍ଟମ୍, ଆର୍‌ଏଫ୍‌ଆଇଡି ଏବଂ ସମସ୍ତ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ।

## ପ୍ରଫେସର ଭୁବନେଶ୍ୱର ବେହେରା କେନ୍ଦ୍ରୀୟ ପାଠାଗାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନିୟମ ୧୦ ଡିସେମ୍ବର ୧୯୬୬ରେ ଓଡ଼ିଶା ରାଜ୍ୟ ବିଧାନସଭା ଦ୍ୱାରା ପାରିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ପ୍ରଫେସର ଭୁବନେଶ୍ୱର ବେହେରା କେନ୍ଦ୍ରୀୟ ପାଠାଗାର' ୧୯୭୦ ମସିହାରେ ସ୍ଥାପିତ ହୋଇଥିଲା। ଏହି ପାଠାଗାରରେ ୧୪୭୪୨ଟି ପୁସ୍ତକ, ୟୁଜିସି-ଇନ୍‌ଫୋନେଟ୍ ଜରିଆରେ ୯୦୦୦ରୁ ଅଧିକ ପୂର୍ଣ୍ଣ ପାଠ୍ୟ ଜର୍ଣ୍ଣାଲ, ୩୪୩ଟି ଇ-ବୁକ୍, ୧୬ଟି ଇ-ଡାଟାବେସ୍, ୩୩୦୦ଟି ଥିସିସ୍ ଏବଂ ଗବେଷଣାତ୍ମକ ନିବନ୍ଧ, ୧୪୭୭୭ ଟି ବାଉଣ୍ଡ ଭଲ୍ୟୁମ୍ ଜର୍ଣ୍ଣାଲ ଓ ୧୧୪ଟି ସାମ୍ପ୍ରତିକ ମୁଦ୍ରିତ ଜର୍ଣ୍ଣାଲ ରହିଛି। ପାଠାଗାର ସମ୍ବଳଗୁଡ଼ିକ ଦୂରରୁ ଉପଲବ୍ଧ ହୋଇଥାଏ।



## ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ

ଆଇ.ଏସ୍.ଏସ୍.ଇ.ଆର୍. ଲାଇବ୍ରେରିରେ ୯୭ଟି ଇ-ବୁକ୍, ୧୫ଟି ଫୁଲ୍‌ଟେକ୍ସ ଡାଟାବେସ୍, ୩ଟି ବିବ୍ଲିଓଗ୍ରାଫିକ୍ ଡାଟାବେସ୍, ୨୯୫୬ଟି ଇ-ଜର୍ଣ୍ଣାଲ ଏବଂ ଟର୍ନିଟିନ୍, ଗ୍ରାମର୍ଲି ଏବଂ ରିମୋଟ୍ ଆକ୍ସେସ୍ ଭଳି ୨ଟି ଗବେଷଣା ସହାୟକ ଉପକରଣ ରହିଛି।

ଏହା ବ୍ୟତୀତ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର, କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ସହିତ ଭୁବନେଶ୍ୱର କିଟ୍, ଏକ୍ସଆଇଏମବି, ଏସ୍‌ଓଏ ଭଳି ଘରୋଇ ବିଶ୍ୱବିଦ୍ୟାଳୟର ପାଠାଗାର ଓ ଡାକ୍ତରୀ ଶିକ୍ଷା ସହିତ ସଂଯୁକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲାଇବ୍ରେରି ସୁବିଧା ଉପଲବ୍ଧ ରହିଛି। ଘରୋଇ ଅନୁଷ୍ଠାନଗୁଡ଼ିକ ଉନ୍ନତ ଶିକ୍ଷାର ଲକ୍ଷ୍ୟ ନେଇ ଆଧୁନିକ ପ୍ରଣାଳୀରେ ସେବା ମଧ୍ୟ ପ୍ରଦାନ କରୁଛନ୍ତି। ରାଜ୍ୟ ଶିକ୍ଷାନୁଷ୍ଠାନର ପାଠାଗାରଗୁଡ଼ିକ ସଂପର୍କରେ ଗୋଟିଏ କ୍ଷୁଦ୍ର ଆଲେଖ୍ୟରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ଭାରତର ଅନ୍ୟ ରାଜ୍ୟର ପାଠାଗାର ସେବା ତୁଳନାରେ ସରକାରୀ କ୍ଷେତ୍ରରେ ଥିବା ଓଡ଼ିଶା ପାଠାଗାରଗୁଡ଼ିକର ସ୍ଥିତିରେ ସୁଧାର ଅଣାଯିବା ଆବଶ୍ୟକ। ଶିକ୍ଷା ଜଗତକୁ ସେମାନଙ୍କର ସମର୍ଥନ ଦିଗରେ ଶିକ୍ଷାନୁଷ୍ଠାନ ଲାଇବ୍ରେରିଗୁଡ଼ିକର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଶୈକ୍ଷିକ ଗ୍ରନ୍ଥାଗାରଗୁଡ଼ିକ ସେମାନଙ୍କ ଅଂଶୀଦାରମାନଙ୍କୁ ସେବା ପ୍ରଦାନ କରିବା ସମୟରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛନ୍ତି। ଅବଶ୍ୟ ଏହା ଏକ ନିରନ୍ତର ପ୍ରୟାସ ଏବଂ ଏହାର କଦାପି ଶେଷ ନାହିଁ। ଛାତ୍ରଛାତ୍ରୀମାନେ ମଧ୍ୟ ଶିକ୍ଷାନୁଷ୍ଠାନର ପାଠାଗାର ସେବାକୁ ହାତଛଡ଼ା କରିବା ଉଚିତ ନୁହେଁ। ■

ଗ୍ରନ୍ଥାଗାରିକ, କେନ୍ଦ୍ରୀୟ ପାଠାଗାର, ଓୟୁଏଟି, ଭୁବନେଶ୍ୱର

# ଶ୍ରୀରାମଚନ୍ଦ୍ର ପାଠାଗାର

# ଐତିହ୍ୟର ନିଦର୍ଶନ

**ମନୋଜ ପଣ୍ଡା, ବାରିପଦା**




**ଓଡ଼ିଶାର ପୁରାତନ ଗ୍ରନ୍ଥାଗାର ମଧ୍ୟରୁ ବାରିପଦାର ଶ୍ରୀରାମଚନ୍ଦ୍ର ପାଠାଗାର ବା ଜୁବୁଲି ଲାଇବ୍ରେରି ଅନ୍ୟତମ । ବାରିପଦା ସହରର ମଧ୍ୟସ୍ଥଳରେ ଅବସ୍ଥିତ ଏହି ପାଠାଗାରରେ ବହୁ ଦୁର୍ଲଭ ପୁସ୍ତକ ଗଚ୍ଛିତ ରହିଛି । ଏହି ଲାଇବ୍ରେରି ଜିଲ୍ଲା ଐତିହ୍ୟର ଏକ ନିଦର୍ଶନ । ଏହି ସୁନ୍ଦର ଗ୍ରନ୍ଥାଗାରଟି ଇଉରୋପର ପ୍ରାଚୀନ ସ୍ଥାପତ୍ୟ ଶୈଳୀରେ ନିର୍ମିତ ।**

## ପାଠାଗାରରେ ୩୫ ହଜାର ପୁସ୍ତକ

ମୟୂରଭଞ୍ଜ ରାଜ୍ୟର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଜାଙ୍କର ଜ୍ଞାନର ବିକାଶ ତଥା ଶିକ୍ଷାର ପ୍ରସାର ନିମନ୍ତେ ୧୮୯୮ ମସିହାରେ ବାରିପଦାଠାରେ ଏକ ବୃହତ୍ ଗ୍ରନ୍ଥାଗାର ପ୍ରତିଷ୍ଠା କରିଥିଲେ। ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ଉପଲକ୍ଷେ ଏହା ଉତ୍ସର୍ଗୀକୃତ ହୋଇଥିବା ହେତୁ ଏହାର ନାମ 'ଭିକ୍ଟୋରିଆ ମେମୋରିଆଲ୍ ଇନ୍‌ଷ୍ଟିଚ୍ୟୁଟ୍' ବା 'ଜୁବୁଲି ଲାଇବ୍ରେରି' ନାମରେ ନାମିତ ହୋଇଥିଲା । ବର୍ତ୍ତମାନ ଏହା 'ଶ୍ରୀରାମଚନ୍ଦ୍ର ପାଠାଗାର' ନାମରେ ପରିଚିତ । ମୟୂରଭଞ୍ଜର ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଗୋଟିଏ ସୁନ୍ଦର ଗୃହ ନିର୍ମାଣ କରାଇଥିଲେ । ସେଥିରେ ଗୋଟିଏ ପାର୍ଶ୍ୱରେ ମୂଲ୍ୟବାନ ପୁସ୍ତକ ରଖିବା ପାଇଁ ଗ୍ରନ୍ଥାଗାର ଓ ଅନ୍ୟ ଏକ ପାର୍ଶ୍ୱରେ ଅନେକ ପୁରାତନ ଦୁର୍ଲଭ ଜିନିଷ ସଂଗ୍ରହ କରି ମ୍ୟୁଜିୟମ ପ୍ରତିଷ୍ଠା କରିଥିଲେ। ଏହି ଗ୍ରନ୍ଥାଗାର ଓ ମ୍ୟୁଜିୟମର ପ୍ରଥମ ସଭାପତି ଥିଲେ ମହାରାଜା ଶ୍ରୀରାମଚନ୍ଦ୍ର ଏବଂ ରାୟବାହାଦୁର ହରିଦାସ ବସୁ ଥିଲେ ଏହାର ପ୍ରତିଷ୍ଠାତା ଉପ-ସଭାପତି । ବିଶିଷ୍ଟ ଶିକ୍ଷାବିତ୍ ଏମ୍‌ଏନ୍ ଦାସ ପରିଚାଳନା ନିମନ୍ତେ ଅବୈତନିକ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆରମ୍ଭରୁ ୨୫୪୫ ଖଣ୍ଡ ବହି ପାଠାଗାରରେ ରହିଥିଲା ପରେ ୫୦ ହଜାର ପର୍ଯ୍ୟନ୍ତ ପହଞ୍ଚି ଥିଲା । ବର୍ତ୍ତମାନ ପୁସ୍ତକ ସଂଖ୍ୟା ୩୫ ହଜାରକୁ ଖସିଆସିଛି ।

୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମୟୂରଭଞ୍ଜ ରାଜ୍ୟ, ଓଡ଼ିଶା ସହିତ ମିଶ୍ରଣ ପର୍ଯ୍ୟନ୍ତ ପାଠାଗାରର ପରିଚାଳନା ଦାୟିତ୍ୱ ରାଜ ଶାସନ ହାତରେ ଥିବାରୁ ସୁଚାରୁ ରୂପେ ପରିଚାଳିତ ହେଉଥିଲା । ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ପାଠଗାର ଉତ୍ସର୍ଗୀକୃତ। ତେଣୁ ପରିଚାଳନା କମିଟି ମାଧ୍ୟମରେ ଏହି ପାଠାଗାର ପରିଚାଳିତ ହୋଇଆସୁଛି। ଏବେ ୭ଜଣିଆ ଉପଦେଷ୍ଟା ମଣ୍ଡଳୀ ଥିବା ବେଳେ ସମାନ ସଂଖ୍ୟକ ପରିଚାଳନା କମିଟି ସଦସ୍ୟ ରହିଛନ୍ତି। ଏଥିରେ ୧୩ଜଣିଆ କାର୍ଯ୍ୟକାରୀ ସଦସ୍ୟ ସେମାନଙ୍କୁ ସହଯୋଗ କରୁଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ଜଣେ ମହିଳା ଗ୍ରନ୍ଥାଗାରିକ ନିଯୁକ୍ତ ଅଛନ୍ତି ।






## ୪୧୫ ଜଣ ଆଜୀବନ ସଦସ୍ୟ

ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ପାଠାଗାର ଖୋଲା ରହିଥାଏ। ୪୧୫ଜଣ ଏହାର ଆଜୀବନ ସଦସ୍ୟ ରହିଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ୨୬ଜଣ ସଦସ୍ୟ ଭାବେ ପ୍ରତିଦିନ ପାଠାଗାରକୁ ପଢ଼ିବା ପାଇଁ ଆସିଥାନ୍ତି। ସେମାନଙ୍କ ପାଇଁ ଅଡିଟୋରିୟମ୍‌ରେ ୱାଇଫାଇ ସୁବିଧା ସହିତ ପଢ଼ିବା ବ୍ୟବସ୍ଥା କରାଯାଇଛି। ତତ୍‌ସହିତ ଦୈନନ୍ଦିନ ସାଧାରଣ ଲୋକ ପାଠାଗାରକୁ ଆସି ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା ପଢ଼ିଥାନ୍ତି। ପ୍ରତିଦିନ ବିଭିନ୍ନ ଭାଷାର ଖବରକାଗଜ, ପତ୍ରିକା ପାଠାଗାରକୁ ଆସିଥାଏ। ପାଠାଗାରରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷଠାରୁ ଆରମ୍ଭ କରି ଓଡ଼ିଆ, ଇଂରାଜୀ, ବଙ୍ଗଳା ଆଦି ବିଭିନ୍ନ ଭାଷାର ସାହିତ୍ୟ କୃତି ଗଚ୍ଛିତ ହୋଇରହିଛି। ଶବ୍ଦକୋଷ, ସାହିତ୍ୟ, ଧର୍ମ, ଇତିହାସ, ବିଜ୍ଞାନ ଆଦି ବିଭିନ୍ନ ପୁସ୍ତକ ଏଠାରେ ଉପଲବ୍ଧ। ଏହି ପାଠାଗାରରେ ବହୁ ପୁରୁଣା ବହି ରହିଛି। ଅନେକ ବହିର କେବଳ ଉପର ମଲାଟ ଅଛି, ଭିତର ପୃଷ୍ଠା ନାହିଁ । ପୁରୁଣା ବହିର ପୃଷ୍ଠା କୀଟଦ୍ରଷ୍ଟ । ଛୁଇଁ ଦେଲେ ଝରିପଡୁଛି । ଏହାକୁ ଦୃଷ୍ଟି ଦେଲେ, ଜୁବିଲି ଲାଇବ୍ରେରିର ସଂରକ୍ଷଣ, ପୁନରୁଦ୍ଧାର ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଜରୁରି ହୋଇପଡ଼ିଛି । ପଢ଼ିବା ପାଇଁ ଅଧିକ ଟେବୁଲ, ଚେୟାର, କମ୍ପ୍ୟୁଟର, ଶୀତତାପ ନିୟନ୍ତ୍ରିତ କୋଠରି, ଅଡିଟୋରିୟମ୍ ନିର୍ମାଣ କରିବା ଆବଶ୍ୟକତା ରହିଛି । ତେବେ ନିକଟରେ ପାଠାଗାରର ବିକାଶ ପାଇଁ ଓଡ଼ିଆ ସୋସାଇଟି ଅଫ୍ ଆମେରିକା ସହଯୋଗର ହାତ ବଢ଼ାଇଛି ବୋଲି ଉପସଭାପତି ଅଶୋକ ବେହେରା କହିଛନ୍ତି। ସେପଟେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉଦ୍ୟମରେ ପାଠାଗାର ପରିସରରେ ମ୍ୟୁନିସିପାଲିଟି ପକ୍ଷରୁ ୩୦ ଲକ୍ଷ ଟଙ୍କାରେ ପିଲାଙ୍କ ଉଦ୍ୟାନ ନିର୍ମାଣ ଜାରି ରହିଛି। ନାନା ସୁବିଧା ଅସୁବିଧା ଭିତରେ ମଧ୍ୟ ପୁରାତନ ଶ୍ରୀରାମଚନ୍ଦ୍ର ପାଠାଗାର ଏବେ ଐତିହ୍ୟର ନିଦର୍ଶନ ପାଲଟିଛି ।



## ପାଠାଗାରକୁ ନେଇ ପ୍ରତିକ୍ରିୟା...



ପାଠାଗାର ପୁନରୁଦ୍ଧାର ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧ କୋଟି ୩୪ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ । ତେବେ ଟଙ୍କା ପଡ଼ି ରହିଛି, କାର୍ଯ୍ୟ ଆରମ୍ଭ ହେଉନାହିଁ । ବର୍ଷା ହେଲେ ପୁରୁଣା କୋଠାରୁ ଝରଝରର ପାଣି ଗଳୁଛି । ମୂଲ୍ୟବାନ ପତ୍ରପତ୍ରିକା ସହିତ ଆସବାବପତ୍ର ନଷ୍ଟ ହେଉଛି । ନୂତନ ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ।

**ଜୟନ୍ତ କୁମାର ପାଲ**
**ସଭାପତି, ଶ୍ରୀରାମଚନ୍ଦ୍ର ପାଠାଗାର**



ମୁଁ ବର୍ଷେ ଧରି ନିୟମିତ ଭାବେ ଏଠାକୁ ପଢ଼ିବାକୁ ଆସୁଛି । ଏଠାରେ ଜ୍ଞାନର ଭଣ୍ଡାର ରହିଥିବା ବେଳେ ଶବ୍ଦ ପ୍ରଦୂଷଣ ମୁକ୍ତ ପରିବେଶ ମୋତେ ବହୁତ ସହାୟତା ଦେଇଛି । ମୁଁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାର ପ୍ରିଲିମିନାରୀରେ ସଫଳତା ପାଇଛି। ମେନ୍ ପରୀକ୍ଷା ପାଇଁ ନିୟମିତ ଏଠାରେ ଅଭ୍ୟାସ ଜାରି ରଖିଛି । ଏହି ଲାଇବ୍ରେରିକୁ ଇ-ଲାଇବ୍ରେରି ଭାବେ ପରିବର୍ତ୍ତନ କରାଗଲେ ଆଗାମୀ ପିଢ଼ି ଉପକୃତ ହେବେ ।

**ରାଜା ସଂଗ୍ରାମ କେଶରୀ ଦେ**, ପାଠକ



ଜୁବୁଲି ଲାଇବ୍ରେରି ଯେ, ବିରଳ ଗ୍ରନ୍ଥାବଳୀର ରତ୍ନଭଣ୍ଡାର ଥିଲା ତା' ନୁହେଁ, ଏଇଠି ବସୁଥିଲା ସାହିତ୍ୟ ଆସର, ଆଲୋଚନାଚକ୍ର, ସଙ୍ଗୀତ ଆସର । ବାରିପଦାର ସାହିତ୍ୟରଥୀମାନେ ଆଜି ନାହାନ୍ତି, ହେଲେ ତାଙ୍କ ଆଲୋଚନାର ନିଶବ୍ଦ ପ୍ରତିଧ୍ୱନି ଆଜି ଏଇ ଲାଇବ୍ରେରିର ପରିସରରେ ଗୁଞ୍ଜରିତ ହେଉଛି । ଆଜି ପରମାନନ୍ଦ ଆଚାର୍ଯ୍ୟ ନାହାନ୍ତି କି ବସନ୍ତ ଶତପଥୀ ନାହାନ୍ତି, ନାହାନ୍ତି ସଙ୍ଗୀତଜ୍ଞ ରାଧାକୃଷ୍ଣ ଭଞ୍ଜ ଓ ନିମାଇଁ ମହାନ୍ତି । ହେଲେ ଅଛି ତାଙ୍କର ଅମଳିନ ସ୍ମୃତି, ଯାହା ଲାଇବ୍ରେରିର କାନ୍ଥ ଦେହରେ ଲେସି ହୋଇ ରହିଯାଇଛି ।

**ମାନସ ରଞ୍ଜନ ଷଡ଼ଙ୍ଗୀ**, ସ୍ତମ୍ଭକାର

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପରିକଳ୍ପନା କେନ୍ଦ୍ର ସରକାରଙ୍କ ପ୍ରଥମ ପଞ୍ଚବାର୍ଷିକ ଯୋଜନାରୁ ହୋଇଥିବା ଜଣାଯାଏ। ବର୍ତ୍ତମାନ ଯେଉଁଠି ରାଜ୍ୟ ଗ୍ରନ୍ଥାଗାରଟି କାର୍ଯ୍ୟ କରୁଛି ତାହା ପ୍ରଥମେ ୧୯୫୯ ମସିହାରେ ନିର୍ମିତ ହୋଇଥିଲା। ୩ ଏକର ଜାଗାରେ ଏହି ବିଲ୍ଡିଂ ନିର୍ମାଣ କରାଯାଇଥିଲା। ୧୯୬୭ ମସିହାରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ନାମରେ ଏହି ବିଲ୍ଡିଂକୁ ଗାନ୍ଧୀ ଭବନ ନାମରେ ନାମିତ କରାଯାଇଥିଲା। ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କର ୧୯୮୭ ମସିହାରେ ଦେହାନ୍ତ ହେବାପରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏହି ଗ୍ରନ୍ଥାଗାରର ନାମ 'ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର' ନାମରେ ନାମିତ କରାଯାଇଥିଲା।

**ବହି ମଣିଷକୁ ମାନସିକ ଏବଂ ଭାବନା ସ୍ତରରେ ଶକ୍ତିଶାଳୀ କରାଏ। ଭଲ ବହିଟିଏ ଜଣେ ଭଲ ବନ୍ଧୁ, ଶିକ୍ଷକ ତଥା ପରାମର୍ଶଦାତାର ଭୂମିକା ନିର୍ବାହ କରିଥାଏ। ଏହି ଜ୍ଞାନର ଗନ୍ତାଘରର ଠିକଣା ହେଉଛି ପାଠାଗାର। ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ପାଠକଙ୍କ ପାଇଁ ଭଲ ବନ୍ଧୁ, ଶୁଭାକାଂକ୍ଷୀ ତଥା ଶିକ୍ଷକର ଭୂମିକା ନିଭେଇ ଆସିଛି 'ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର'। ବହୁ ପାଠକଙ୍କ ପାଇଁ ଏହି ଗ୍ରନ୍ଥାଗାର ଆଶୀର୍ବାଦ ପାଲଟିଛି। ମାତ୍ର କେଇଖଣ୍ଡ ବହିରୁ ନିଜର ଯାତ୍ରା ଆରମ୍ଭ କରିଥିବା ଏହି ଗ୍ରନ୍ଥାଗାରରେ ବର୍ତ୍ତମାନ ୨.୪୪ ଲକ୍ଷରୁ ଅଧିକ ବହି ରହିଛି। ପ୍ରତିଦିନ ଶହ ଶହ ପାଠକଙ୍କୁ ଅମୃତ ବାଣ୍ଟୁଛି ଏହି ଗ୍ରନ୍ଥାଗାର। 'ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର'କୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା।**



## ଦୁର୍ଲଭ ପୁସ୍ତକର ଭଣ୍ଡାର

# ରାଜ୍ୟ ଗ୍ରନ୍ଥାଗାର

ଦୀପକ ବେହେରା

### ୨.୪୪ ଲକ୍ଷ ବହିରେ ସମୃଦ୍ଧ

ଗ୍ରନ୍ଥାଗାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଠାରେ ପ୍ରାୟ ୨.୪୪ ଲକ୍ଷରୁ ଊର୍ଦ୍ଧ୍ୱ ପୁସ୍ତକ ଉପଲବ୍ଧ ଅଛି। ୩ ମହଲା ବିଶିଷ୍ଟ ଏହି ଗ୍ରନ୍ଥାଗାର କୋଠାରେ ବିଭିନ୍ନ ବିଭାଗରେ ପୁସ୍ତକଗୁଡ଼ିକ ଉପଲବ୍ଧ ଥିବାବେଳେ ଓଡ଼ିଆ, ହିନ୍ଦୀ, ଇଂରାଜୀ, ଉର୍ଦ୍ଦୁ ଏବଂ ଅନ୍ୟ ଭାଷାର ପୁସ୍ତକ ଏଠାରେ ଗଚ୍ଛିତ ରହିଛି। ଗବେଷଣାଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ଗ୍ରନ୍ଥାଗାର ଏକ ବରଦାନ ସାଜିଛି। କେବଳ ପୁସ୍ତକ ନୁହେଁ ୫୦ରୁ ଊର୍ଦ୍ଧ୍ୱ ପତ୍ରିକା, ବିଭିନ୍ନ ଭାଷାରେ ଖବରକାଗଜ ଏଠାରେ ଉପଲବ୍ଧ ହୋଇଥାଏ। ଗ୍ରନ୍ଥାଗାରରେ ପଢ଼ିବା ପାଇଁ ପ୍ରାୟ ୪୦୦୦ ଅଧିକ ପାଠକ ପଞ୍ଜୀକରଣ କରିଥିବା ବେଳେ ଏଠାକୁ ଦୈନିକ ପ୍ରାୟ ୭୦୦ରୁ ୮୦୦ ପାଠକପାଠିକା ଆସିଥାନ୍ତି। ଗ୍ରନ୍ଥାଗାର ପରିସରରେ ମୋଟ ୩୪୦ ସିଟ୍‌ର ବ୍ୟବସ୍ଥା କରାଯାଇଛି। ସେହିପରି ଏଠାରେ ଛୋଟ ପିଲା ଏବଂ ଦୃଷ୍ଟିବାଧିତଙ୍କ ପାଇଁ ମଧ୍ୟ ଭିନ୍ନ ଭିନ୍ନ ବିଭାଗ ରହିଛି। ଛାତ୍ରଛାତ୍ରୀମାନେ ଯଦି ଚାହିଁବେ ତାହେଲେ ଗ୍ରନ୍ଥାଗାରରୁ ବହି ନ ନେଇ ନିଜ ଘରୁ ଆଣି ଏଠାରେ ପଢ଼ିପାରିବେ। ଏଥିପାଇଁ କୌଣସି ପଞ୍ଜୀକରଣର ଆବଶ୍ୟକତା ପଡ଼ିବ ନାହିଁ। ଯେଉଁମାନଙ୍କର ଘରେ ପଢ଼ିବାର ସୁବିଧା ନାହିଁ କିମ୍ବା ଅନ୍ୟ କୌଣସି ସମସ୍ୟା ରହିଛି; ସେପରି ଛାତ୍ରଛାତ୍ରୀମାନେ ଏହି ବ୍ୟବସ୍ଥାର ଭରପୂର ଫାଇଦା ଉଠାଉଛନ୍ତି।

ଗବେଷକ ତଥା ଓଡ଼ିଆ ଭାଷା, ସାହିତ୍ୟରେ ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଖୁବ୍ ଉପଯୋଗୀ। ସେହିପରି ଆଦିମ ଜନଜାତି, ଆଦିବାସୀ ଗବେଷଣାଧର୍ମୀ ଏବଂ ଉପାଦେୟ ପୁସ୍ତକ 'ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର'ରେ ରହିଛି। ଭାଷା, ସାହିତ୍ୟ, ସଂସ୍କୃତି, ଧର୍ମ, ବିଜ୍ଞାନ, ଇତିହାସ, ଶବ୍ଦକୋଷ ଆଦି ବିଭିନ୍ନ ପ୍ରକାରର ପୁସ୍ତକ ଗ୍ରନ୍ଥାଗାରକୁ ସମୃଦ୍ଧ କରିପାରିଛି।

### ୬୦ ହଜାର ଓଡ଼ିଆ ପୁସ୍ତକ

ରାଜ୍ୟ ଗ୍ରନ୍ଥାଗାରର ବିଭିନ୍ନ ବିଭାଗରେ ବହୁ ଦୁର୍ଲଭ ତଥା ଉପାଦେୟ ପୁସ୍ତକ ଉପଲବ୍ଧ ରହିଛି। ପୁରାଣ, ବେଦ, ଉପନିଷଦଠାରୁ ଆରମ୍ଭ କରି ଧର୍ମଶାସ୍ତ୍ର, ବେଦ ଆଧାରିତ ସାହିତ୍ୟ, ଯୋଗ, ପୂଜା ପଦ୍ଧତି ଏବଂ ପାଣ୍ଡୁଲିପି ଏଠାରେ ଉପଲବ୍ଧ ରହିଛି। ଏହାସହ କୃଷି, ଇଞ୍ଜିନିୟରିଂ, ଆଇନ, ଅର୍ଥଶାସ୍ତ୍ର, ବିଜ୍ଞାନ, ମ୍ୟାନେଜମେଣ୍ଟ, ଇତିହାସ, ଭୂଗୋଳ, ସାଧାରଣ ଜ୍ଞାନ, ଜୀବ ବିଜ୍ଞାନ, ଭୌତିକ ବିଜ୍ଞାନ, ଗଣିତ, ଜ୍ୟୋତିଷ ଶାସ୍ତ୍ର, ସାଧାରଣ ପ୍ରଶାସନ, କଳା, ସାହିତ୍ୟ, ସମାଜ ବିଜ୍ଞାନ ପରି ବହୁ ବିଷୟରେ ବିଭିନ୍ନ ବିଷୟରେ ଲକ୍ଷ ଲକ୍ଷ ପୁସ୍ତକ ଏହି ଗ୍ରନ୍ଥାଗାରକୁ ସମୃଦ୍ଧ କରିଛି। ଯାହା ଗନ୍ଥାଗାରର ଶୋଭା ବଢ଼ାଉଛି ଓ ଜ୍ଞାନର ପ୍ରାଣକେନ୍ଦ୍ର ଭାବେ ପରିଣତ କରିଛି। ବିଶେଷକରି ବିଭିନ୍ନ ବିଷୟରେ ଗବେଷଣା କରୁଥିବା ଗବେଷକମାନେ ଏଠାରୁ ପୁସ୍ତକ ନେଇ ପଢୁଛନ୍ତି। ରାଜ୍ୟ ଗ୍ରନ୍ଥାଗାରରେ ପ୍ରାୟ ୬୦ ହଜାରରୁ ଅଧିକ ଓଡ଼ିଆ ପୁସ୍ତକ ରହିଛି। ଓଡ଼ିଆ ବ୍ୟାକରଣ, ଭାଷା, ଭାଷା ବିଜ୍ଞାନ ଆଦି ବିଭିନ୍ନ ପ୍ରକାର ପୁସ୍ତକ





### ପୁରୁଣା ବହିର ଡିଜିଟାଇଜେସନ୍

ରାଜ୍ୟ ଗ୍ରନ୍ଥାଗାରରେ ବହୁ ପୁରୁଣା ବହି ଥିବାବେଳେ ଏହା ଧୀରେ ଧୀରେ ଖରାପ ହୋଇ ଆସିଲାଣି। ତେଣୁ ପରବର୍ତ୍ତୀ ପିଢ଼ି ପାଇଁ ବହିଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଲାଇବ୍ରେରି କର୍ତ୍ତୃପକ୍ଷ ଡିଜିଟାଇଜେସନ୍ ବ୍ୟବସ୍ଥା ହାତକୁ ନେଇଛନ୍ତି। ଏହିକ୍ରମରେ ପୁରୁଣା ଏବଂ ଦୁର୍ମୂଲ୍ୟ ବହିଗୁଡ଼ିକୁ ସ୍କାନିଂ କରାଯାଇ ଏହାର ନକଲ ବାହାର କରାଯିବା ସହ ଏହାକୁ ପଠନ ଉପଯୋଗୀ କରାଯାଇପାରିବ। ଏଯାବତ୍ ଗ୍ରନ୍ଥାଗାରରେ ଥିବା ୧୫୮୦୦ରୁ ଅଧିକ ପୁସ୍ତକର ଡିଜିଟାଇଜେସନ୍ ସରିଥିବା ସୂଚନା ମିଳିଛି। ସେହିପରି ପ୍ରାୟ ୧.୯୪ ଲକ୍ଷ ବହିର ଅଟୋମେସନ୍ ଶେଷ ହୋଇଥିବା ଜଣାପଡ଼ିଛି। ■

ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକଙ୍କ ଅସାଧାରଣ ପରିକଳ୍ପନା, ଜୀବନବ୍ୟାପୀ ସାଧନାର ପ୍ରତିଫଳନ ହେଉଛି ନୟାଗଡ଼ ଜିଲ୍ଲା ଉଦୟପୁରଠାରେ ପ୍ରତିଷ୍ଠିତ 'ବାଞ୍ଛାନିଧି ପାଠାଗାର'। ଏହା ସହିତ ସଂଗ୍ରହାଳୟ, ସାହିତ୍ୟ ସଂସଦ ଓ ଗବେଷଣାଗାର ଦେଶର ଏକ ମହାନ ସାଂସ୍କୃତିକ ସମ୍ଭାର ରୂପେ ପରିଚିତି ଲାଭ କରିଛି। ଦାଶରଥି ପଟ୍ଟନାୟକ ଥିଲେ ସମସ୍ତଙ୍କ ପ୍ରିୟ 'ଦାସିଆ ଅଜା'। ଓଡ଼ିଶାର ପାଠାଗାର ଆନ୍ଦୋଳନର ପ୍ରବାଦପୁରୁଷଙ୍କ ଦାସିଆ ଅଜାଙ୍କ ପାଠାଗାରକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।

# ଦାସିଆ ଅଜା ପାଠାଗାର




ନୟାଗଡ଼ ଓ ଦଶପଲ୍ଲା ମଧ୍ୟରେ ଯାଇଥିବା ୫୭ନଂ ଜାତୀୟ ରାଜପଥ ନୂଆଗାଁଠାରୁ ୪ କି .ମି. ରାସ୍ତା ଅତିକ୍ରମ କଲେ ଉଦୟପୁର ଗ୍ରାମ ପଡ଼ିଥାଏ। ଏହା ହେଉଛି ଓଡ଼ିଶା ପାଠାଗାର ଆନ୍ଦୋଳନର ପୁରୋଧା, ବିଶିଷ୍ଟ ସଂଗ୍ରାହକ ଦାଶରଥି ପଟ୍ଟନାୟକଙ୍କ ସାଧନା ପୀଠ। ଏଠାରେ ରହିଛି ବାଞ୍ଛାନିଧି ପାଠାଗାର । ଏହି ପାଠାଗାର ଦାସିଆ ଅଜା ପାଠାଗାର ଭାବେ ପରିଚିତ। ଦେଶ ବିଦେଶର ପାଠକ, ଗବେଷକ, ପର୍ଯ୍ୟଟକ, ବୁଦ୍ଧିଜୀବୀ. ଐତିହାସିକ, ଦାର୍ଶନିକ, କବି, ଲେଖକ, ସାହିତ୍ୟିକ, ଛାତ୍ର, ସାମ୍ବାଦିକଙ୍କ ପାଇଁ ଉଦୟପୁର ପାଲଟି ଯାଇଛି ଗବେଷଣାର ଏକ ସ୍ୱତନ୍ତ୍ର ପୀଠ। ପ୍ରବାଦପୁରୁଷ ଦାଶରଥିଙ୍କ ପାଇଁ ଏକ ମହାନ ପୀଠ ଜାତୀୟ ତୀର୍ଥକ୍ଷେତ୍ରରେ ପରିଣତ ହୋଇପାରିଛି।

ଦାଶରଥି ନିଜର ପାରିବାରିକ ଆର୍ଥିକ ବିଡ଼ମ୍ବନା ପରିସ୍ଥିତି ଦୃଷ୍ଟିରୁ ଚାଟଶାଳୀରେ ମାତ୍ର ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ନିଜର ପ୍ରାରମ୍ଭିକ ଜୀବନରେ ହଳିଆ, ରାନ୍ଧୁଣିଆ, , ଚପରାସି, ପୁଲିସ ଏବଂ ଜଙ୍ଗଲ ଓ ଶିକ୍ଷା ବିଭାଗର କର୍ମଚାରୀ, ଭୂଦାନକର୍ମୀ, ସର୍ଭେ ଟ୍ରେନିଂ କେନ୍ଦ୍ରର ପରିଚାଳକ, ଚାଷୀ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବରେ କାର୍ଯ୍ୟ କରି ସେ ଜୀବନର ଅପରାହ୍ଣରେ ପହଞ୍ଚିଥିଲେ।




ଅନୀଲ୍ କୁମାର ପଣ୍ଡା, ନୟାଗଡ଼

## ସାଧନା ଓ ସଂଗ୍ରାମ




୧୯୫୦ ମସିହାଠାରୁ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ନିଜ ଶରୀରରୁ ରକ୍ତ ନିଗାଡ଼ି, ଖଣ୍ଡିଏ ଗାମୁଛା ପିନ୍ଧି ଓ ଖଣ୍ଡିଏ ଗାମୁଛା ମୁଣ୍ଡରେ ଠେକାବାନ୍ଧି କାନ୍ଧରେ ଏକ ଝୁଲାମୁଣି ଓହଳାଇ ସମଗ୍ର ଓଡ଼ିଶାର ଗାଁ ଗହଳିଠାରୁ ଆରମ୍ଭ କରି ସହର ବଜାର ଘରଦ୍ୱାର ବୁଲିବୁଲି ପାଦରେ ତାଙ୍କର ସାଧନା ଆରମ୍ଭ କରିଥିଲେ। ଚାଲିଚାଲି ରାଜ୍ୟ ଓ ଦେଶବାସୀଙ୍କ କଲ୍ୟାଣ ସାଧନ ଉଦ୍ଦେଶ୍ୟରେ, ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ପାଠାଗାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ, ଦେଶବିଦେଶ ପାଠକ, ଗବେଷକମାନଙ୍କ ପାଇଁ ଗବେଷଣା ତଥ୍ୟ ଯୋଗାଇ ଦେବା ସହ ଓଡ଼ିଶାର ପ୍ରାଚୀନ ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ପ୍ରଚାର, ପ୍ରସାର ଏବଂ ଓଡ଼ିଆ ସାହିତ୍ୟର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ସାଧକ ଦାଶରଥି ନିଜର ବ୍ୟକ୍ତିଗତ ଉଦ୍ୟମରେ ୩ଟି ଅନୁଷ୍ଠାନ ଗଠନ କରିଥିଲେ। ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର, ୧୯୭୩ ମସିହାରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଓ ୧୯୭୫ ମସିହାରେ ଯଦୁମଣି ସାହିତ୍ୟ ସଂସଦ ସେ ଗଢ଼ିଥିଲେ। ପାଠାଗାରକୁ ୧୯୫୯ ମସିହାରେ ରମାଦେବୀ ଉଦ୍‌ଘାଟନ କରିଥିଲେ। ୧୯୯୫ ମସିହାରେ ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟ ଗଠିତ ହେଲା।

## ପାଠାଗାରରେ ୫୦ ହଜାର ପୁସ୍ତକ

ପାଠାଗାରରେ ପୃଥିବୀର ବିଭିନ୍ନ ଭାଷାର ପୁରାତନ ଓ ଆଧୁନିକ ୫୦ ହଜାର ବିରଳ ପୁସ୍ତକ, ୩୮ଟି ଭାଷାର ଅଭିଧାନ ସମେତ ୧ ଲକ୍ଷ ୨୦ ହଜାର ହଜାର ପତ୍ରପତ୍ରିକା ରହିଛି। ସେହିପରି ବିଭିନ୍ନ ପ୍ରକାରର ପୁରାତନ ସମ୍ବାଦପତ୍ର ସଂଗୃହୀତ ହୋଇରହିଛି। ସଂଗ୍ରହାଳୟରେ ୩ ହଜାର ପୁରୁଣା ତାଳପତ୍ର ପୋଥି ଏବଂ ଚିତ୍ରପୋଥି ରହିଛି। ବିଭିନ୍ନ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରର ଗବେଷକମାନେ ପାଠାଗାରକୁ ଆସୁଥିବା କର୍ମଚାରୀମାନେ କହିଛନ୍ତି।








## ଶିହରଣ ସୃଷ୍ଟି କରୁଛି ପାଠାଗାର ପରିବେଶ

ଦାସିଆ ଅଜାଙ୍କ ପାଠାଗାରରେ ଏକ ଭିନ୍ନ ଶିହରଣ ସୃଷ୍ଟି କରିଥାଏ। ପ୍ରତ୍ୟେକ ସଂଗୃହୀତ ଦ୍ରବ୍ୟ, ପୁସ୍ତକ, ପତ୍ରପତ୍ରିକାକୁ ଅତ୍ୟନ୍ତ ଯତ୍ନର ସହ ରଖାଯାଇଛି। ପାହାଡ଼ ଜଙ୍ଗଲ ଘେରା ଉଦୟପୁର ଗାଁରେ ଅବସ୍ଥିତ ଏହି ସ୍ଥାନର ଶାନ୍ତ ପରିବେଶ ପର୍ଯ୍ୟଟକ, ଗବେଷକଙ୍କୁ ଆକୃଷ୍ଟ କରୁଛି। ଦାଶରଥି ପଟ୍ଟନାୟକ ଟ୍ରଷ୍ଟ ଦ୍ୱାରା ଏହା ପରିଚାଳିତ ହେଉଥିବା ବେଳେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ସ୍ଥାନର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ସହ ଏହାକୁ ସରକାରୀ ଅନୁଷ୍ଠାନର ମାନ୍ୟତା ପ୍ରଦାନ ପାଇଁ ଦାବି ହେଉଛି। ଦାସିଆ ଅଜାଙ୍କ ସାଧନାକୁ ସମ୍ମାନ ଦେବାକୁ ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ରମ ଆୟୋଜନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

# କଟକର ପ୍ରାଚୀନ ପାଠାଗାର


କଟକ ହେଉଛି ଏକ ସଂସ୍କୃତି ସଂପନ୍ନ ଐତିହାସିକ ସହର । କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ବ୍ୟବସାୟ ଆଦି ବିଭିନ୍ନ କ୍ଷେତ୍ରରେ ଏହି ସହର ସୁନାମ ଅର୍ଜନ କରିଛି । ସହରର ବହୁ ସାହିତ୍ୟିକ, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ଉଦ୍ୟମରେ ଗଢ଼ି ଉଠିଛି ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ । ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷାର ପ୍ରଚାରପ୍ରସାର ତଥା ପୁସ୍ତକ ପଠନ ପ୍ରତି ଜନସାଧାରଣଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ କେତୋଟି ପାଠାଗାର ପ୍ରତିଷ୍ଠା କରାଯାଇଛି । ଯେଉଁ ପାଠାଗାରକୁ ପ୍ରତିଦିନ ଛାତ୍ରଛାତ୍ରୀ, ସାହିତ୍ୟପ୍ରେମୀ ପଢ଼ିବା ପାଇଁ ଆସିଥାନ୍ତି । କଟକର ସେଭଳି ଦୁଇଟି ପ୍ରାଚୀନ ପାଠାଗାର ହେଉଛି 'ଉତ୍କଳ ସାହିତ୍ୟ ସମାଜ'ର 'ଉତ୍କଳ ଗୌରବ ମଧୁସୂଦନ ପୁସ୍ତକାଗାର' ଓ 'ପଢ଼ିହାରୀ ପାଠାଗାର' । ଏହି ଦୁଇ ପାଠାଗାରର ଇତିହାସ ଓ ବର୍ତ୍ତମାନକୁ ନେଇ ପ୍ରସ୍ତୁତ ଏହି ରିପୋର୍ଟ ।




## ଉତ୍କଳ ଗୌରବ ମଧୁସୂଦନ ପୁସ୍ତକାଗାର

ଓଡ଼ିଶାର ଏକ ପ୍ରାଚୀନ ଶତାୟୁ ସାରସ୍ୱତ-ସାଂସ୍କୃତିକ ଅନୁଷ୍ଠାନ ହେଉଛି କଟକସ୍ଥିତ 'ଉତ୍କଳ ସାହିତ୍ୟ ସମାଜ' । ଓଡ଼ିଆ ଭାଷା, ସାହିତ୍ୟର ବିକାଶ ପାଇଁ ୧୨୨ ବର୍ଷରୁ ଅଧିକ ସମୟ ହେଲା ଏହି ଅନୁଷ୍ଠାନ ନିରନ୍ତର କାର୍ଯ୍ୟ କରିଆସୁଛି । ଏହି ଅନୁଷ୍ଠାନର ରହିଛି ଏକ ବୃହତ୍ ପାଠାଗାର । ପ୍ରଥମେ ଏହି ଅନୁଷ୍ଠାନରେ ଏକ ପୁସ୍ତକାଗାର ସ୍ଥାପନ ନିମନ୍ତେ ତତ୍କାଳୀନ ସମ୍ପାଦକ ଶଶିଭୂଷଣ ରାୟ ୨୫୦୦ ପୁସ୍ତକ ଓ ସହକାରୀ ସମ୍ପାଦକ ଚିନ୍ତାମଣି ଆଚାର୍ଯ୍ୟ ୧୦୦୦ ପୁସ୍ତକ ଓ ୨ଟି ଆଲମାରୀ ପ୍ରଦାନ କରିଥିଲେ । ୩୫୦୦ ଖଣ୍ଡ ବହିରୁ ଆରମ୍ଭ ହୋଇଥିବା ଏହି ପାଠାଗାରରେ ଏବେ ପୁସ୍ତକ ସଂଖ୍ୟା ୩୫ ହଜାରରୁ ଅଧିକରେ ପହଞ୍ଚିଛି । ପାଠାଗାରକୁ ପ୍ରତିଦିନ ବିଭିନ୍ନ ଦୈନିକ ସମ୍ବାଦପତ୍ର, ମାସିକ ଓ ତ୍ରୈମାସିକ ସାହିତ୍ୟ ପତ୍ରିକା ଆସୁଛି ।

୧୯୨୯ ମସିହାରେ ଉତ୍କଳ ସାହିତ୍ୟ ସମାଜ ପରିସରରେ ଏକ ସାଧାରଣ ଗ୍ରନ୍ଥାଗାର ଓ ପାଠାଗାର ସ୍ଥାପିତ ହୋଇଥିଲା । ପ୍ରାରମ୍ଭିକ ଅବସ୍ଥାରେ ପୁସ୍ତକାଗାର କାର୍ଯ୍ୟର ପ୍ରସାର ଲାଗି ଅନୁଷ୍ଠାନର କେତେଜଣ ସଭ୍ୟ ଆଗ୍ରହ ପ୍ରକାଶ କରି ମାସିକ ଚାନ୍ଦା ଦେଇ ୨୦ ଟଙ୍କା ଦରମା ଦେଇ ଜଣେ କର୍ମଚାରୀ ନିଯୁକ୍ତ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ୧୯୩୦-୩୧ ମସିହାରେ କଟକର ତତ୍କାଳୀନ କଲେକ୍ଟର ସାହେବଙ୍କଠାରୁ ହରିଶ୍ଚନ୍ଦ୍ର ଷ୍ଟୋରରୁ ୩୫୩ ଖଣ୍ଡ ପୁସ୍ତକ ପୁସ୍ତକାଗାର ନିମନ୍ତେ କ୍ରୟ କରାଯାଇଥିଲା । ସେହିପରି ୧୯୩୧-୩୨ ମସିହାରେ ଶଶିଭୂଷଣ ରାୟ ୫୦୦ ଖଣ୍ଡ ପୁସ୍ତକ ପୁସ୍ତକାଗାରକୁ ଦାନ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଏଠାକୁ ପତ୍ରପତ୍ରିକା ପଢ଼ିବା ପାଇଁ ଆସୁଥିଲେ । ଧୀରେ ଧୀରେ ପାଠାଗାରର କଳେବର ବୃଦ୍ଧି ପାଇବା ସହିତ ପାଠକ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଲା । ପରବର୍ତ୍ତୀ ସମୟରେ ଜଣେ କିରାଣି ନିଯୁକ୍ତ ହୋଇଥିଲେ । ଫଳରେ ଅନୁଷ୍ଠାନର ସଭ୍ୟ, ସର୍ବସାଧାରଣ ପାଠକମାନେ ପାଠାଗାର ବ୍ୟବହାର କରିବାର ସୁବିଧା ପାଇପାରିଥିଲେ । ୧୯୪୪ରେ ସାହିତ୍ୟ ସମାଜ ସହିତ 'ଉତ୍କଳଗୌରବ ମଧୁସୂଦନ ପୁସ୍ତକାଗାର' ସ୍ଥାପିତ ହୋଇଥିଲା । ଉତ୍କଳ ସାହିତ୍ୟ ସମାଜର ସଦସ୍ୟମାନେ 'ମଧୁସୂଦନ ପୁସ୍ତକାଗାର ଓ ପାଠାଗାର ନିମନ୍ତେ ସ୍ୱତନ୍ତ୍ର ଜମି କିଣି ଥିଲେ । ବର୍ତ୍ତମାନ ଏହି ପାଠାଗାରରେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ସଂସ୍କୃତ ଆଦି ବିଭିନ୍ନ ଭାଷାର ବହୁ ଉପାଦେୟ ଓ ଦୁର୍ଲଭ ପୁସ୍ତକ, ପତ୍ରପତ୍ରିକା ରହିଛି । ପ୍ରତିଦିନ ପାଠକମାନେ ବହି, ପତ୍ରପତ୍ରିକା ପଢ଼ିବାର ସୁଯୋଗ ପାଉଛନ୍ତି । ପ୍ରତିଦିନ ଅପରାହ୍ଣ ୩ଟାରୁ ରାତି ୮ ପର୍ଯ୍ୟନ୍ତ ଏହି ପାଠାଗାର ସର୍ବସାଧାରଣଙ୍କ ପାଇଁ ଖୋଲା ରୁହେ । ପୁରୁଣା ପୁସ୍ତକ ଓ ପତ୍ରପତ୍ରିକାକୁ ଡିଜିଟାଇଜେସନ୍ କରାଯାଉଛି । ବିଭିନ୍ନ ଉପାଦେୟ ପୁସ୍ତକ ଇ-ବୁକ୍ ଆକାରରେ କିଭଳି ପାଠକମାନେ ପାଇ ପାରିବେ , ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଅନୁଷ୍ଠାନ ପକ୍ଷରୁ ଜଣାପଡ଼ିଛି ।






## ପଢ଼ିହାରୀ ପାଠାଗାର

୧୯୫୮ ମସିହାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ସ୍ମୃତିରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ 'ପଢ଼ିହାରୀ ପାଠାଗାର' ସ୍ଥାପିତ ହୋଇଥିଲା । ଏହା ପ୍ରଥମେ କଟକ ମ୍ୟୁନିସିପାଲିଟି ଅଧୀନରେ ଥିଲା । ଅଧୁନା ଏହା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ । ଏହି ପାଠାଗାରରେ ୨୦ ହଜାରରୁ ଊର୍ଦ୍ଧ୍ୱ ବହି ରହିଛି । ଦୁଃଖର ବିଷୟ ୧୯୯୯ ମହାବାତ୍ୟାରେ ଏହି ପାଠାଗାରର ଅନେକ କ୍ଷୟକ୍ଷତି ହୋଇଥିଲା । ତେଣୁ ୨୦୦୭ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ କୋଠାର ପୁନଃନିର୍ମାଣ କରାଯାଇଥିଲା । ସେତେବେଳେ ବାତ୍ୟା ଯୋଗୁଁ ପାଠାଗାରରେ ଅସଜଡ଼ା ହୋଇ ପଡ଼ିଥିବା ସମସ୍ତ ବହିକୁ ସଠିକ୍ ଢଙ୍ଗରେ ସଜ୍ଜିତ କରି ରକ୍ଷଣାବେକ୍ଷଣା କରାଯାଇଥିଲା । ଏହା ବହୁତ ପୁରୁଣା ପାଠାଗାର । ଅନେକ ଛାତ୍ରଛାତ୍ରୀ ଏଠାରେ ପାଠପଢ଼ି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଛନ୍ତି । ଏହି ପାଠାଗାରରେ ପାଠ ପଢ଼ିବାର ସୁଯୋଗ ପାଇଥିବା ବହୁ ବ୍ୟକ୍ତି ପରବର୍ତ୍ତୀ ସମୟରେ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ଏହି ପାଠାଗାରରେ ୯୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ସଦସ୍ୟ ରହିଛନ୍ତି । ଦୈନିକ ସକାଳ ୮ରୁ ୧୧ ଏବଂ ସନ୍ଧ୍ୟା ୫ରୁ ୮ଟା ମଧ୍ୟରେ ୧୫୦ରୁ ୨୦୦ ପାଠକ ଆସିଥାନ୍ତି । ଏଠାରେ ବହୁ ଦୁର୍ଲଭ ପୁସ୍ତକ, ଶବ୍ଦକୋଷ, ଗ୍ରନ୍ଥାବଳୀ, ପତ୍ରପତ୍ରିକା, ମହାପୁରୁଷଙ୍କ ଜୀବନୀ, ଯାନିଯାତ୍ରା, ପର୍ବପର୍ବାଣିକୁ ନେଇ ପୁସ୍ତକ, ସାହିତ୍ୟ ପୁସ୍ତକ, ଖବରକାଗଜ ଆଦି ରହିଛି । କେବଳ ସେତିକି ନୁହେଁ, ଏବେ ଏହି ପାଠାଗାରର ଉପର ମହଲାରେ ମହିଳା ଓ ଶିଶୁ ବିଭାଗ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି । ତେବେ ଆଗାମୀ ଦିନରେ ସରକାର ଏହି ପାଠାଗାରର ଉନ୍ନତି ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ।

# ରାଉରକେଲାରେ ପାଠାଗାର ଆନ୍ଦୋଳନ

ଦେବବ୍ରତ ପଟ୍ଟନାୟକ, ରାଉରକେଲା

ରାଉରକେଲା ହେଉଛି ଏକ ସଂସ୍କୃତି ସଂପନ୍ନ ସହର । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ଏହି ସହରର ସାହିତ୍ୟିକ, ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀଙ୍କ ଅବଦାନ ଅତୁଳନୀୟ । ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାରପ୍ରସାର ନିମନ୍ତେ ଏଠାରେ ଗଢ଼ି ଉଠିଛି ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ । ଜ୍ଞାନର ବିକାଶ ଓ ଶିକ୍ଷାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ଇସ୍ପାତ ସହର ରାଉରକେଲାରେ କେତୋଟି ପାଠାଗାର ମଧ୍ୟ ପ୍ରତିଷ୍ଠା କରାଯାଇଛି । ରାଉରକେଲାରେ ଅବସ୍ଥିତ ପାଠାଗାରକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।



## ପ୍ରଗତି ଉତ୍କଳ ସଂଘ ପାଠାଗାର

୧୯୫୫ ସେପ୍ଟେମ୍ବର ୧୯ ତାରିଖରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି ପାଇବା ପରେ ୧୦୦ ଜଣ ଓଡ଼ିଆ ଯୁବକ ଟ୍ରେନିଂ ଭାବେ ପଡ଼ୋଶୀ ଝାଡ଼ଖଣ୍ଡ ଓ ତତ୍କାଳୀନ ବିହାର ରାଜ୍ୟର ଜାମସେଦପୁରର ସୁନ୍ଦରନଗରରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ କିଛି ସ୍ୱାଭିମାନୀ ତରୁଣ ଓଡ଼ିଆ ଏକ ଟିଣ ବାକ୍ସ ଓ ମାତ୍ର ପାଞ୍ଚ ଖଣ୍ଡ ପୁସ୍ତକକୁ ନେଇ ୧୯୫୮ ମସିହା ଅଗଷ୍ଟ ୧୫ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ବିକାଶ ପ୍ରତିଷ୍ଠା ପାଇଁ ଗଠନ କରିଥିଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରଗତି ଉତ୍କଳ ସଂଘ' । ୧୯୫୮ ମସିହାରେ 'ପ୍ରଗତି ଉତ୍କଳ ସଂଘ' ରାଉରକେଲାକୁ ଉଠିଆସିଥିଲା । ଏଥି ସହିତ ଉଠି ଆସିଥିଲା ସେହି ଚର୍ଚ୍ଚିତ ଟିଣ ବାକ୍ସ । ଓଡ଼ିଶାରେ ପାଠାଗାର ଆନ୍ଦୋଳନରେ ରାଉରକେଲାର ପ୍ରଗତି ଉତ୍କଳ ସଂଘ ପାଠାଗାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ୧୯୬୮ ମସିହା ଏପ୍ରିଲ ୧ ତାରିଖରେ ଏହା ପ୍ରତିଷ୍ଠା ହୋଇଥିଲା ।




## ପ୍ରାୟ ୫୦ ହଜାର ପୁସ୍ତକର ସମ୍ଭାର

୧୯୬୮ ମସିହାରେ ଟିଣ ବାକ୍ସରେ ସାଇତା କେଇ ଖଣ୍ଡ ପୁସ୍ତକକୁ ନେଇ ଆରମ୍ଭ ହୋଇଥିବା 'ପ୍ରଗତି ଉତ୍କଳ ସଂଘ' ଆଜି ସମଗ୍ର ଓଡ଼ିଶାରେ ପାଠାଗାର ଆନ୍ଦୋଳନରେ ଉଜ୍ଜ୍ୱଳ ଧ୍ରୁବତାର ସଦୃଶ ଜାଜ୍ୱଲ୍ୟମାନ ହୋଇରହିଛି । ୨୦୦୮ ମସିହାରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ 'ଶ୍ରେଷ୍ଠ ପାଠାଗାର' ଭାବେ 'ପ୍ରଗତି ଉତ୍କଳ ସଂଘ'କୁ ସମ୍ମାନିତ କରାଯାଇଥିଲା । ଏବେ ଏହି ପାଠାଗାରଟି ସହରର ବୃହତ୍ତମ ପାଠାଗାର ରୂପେ ଲୋକାଦୃତ ହୋଇଛି । ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ, ସଂସ୍କୃତ ଭାଷାର ପ୍ରାୟ ୪୬, ୯୯୭ ଖଣ୍ଡ ପୁସ୍ତକ ଏହି ପାଠାଗାରରେ ଗଚ୍ଛିତ ହୋଇରହିଛି । ପାଠକମାନେ ଏହି ପାଠାଗାରରୁ ପୁସ୍ତକ ପଢ଼ିବାର ସୁଯୋଗ ପାଉଛନ୍ତି । ଏହି ପାଠାଗାରର ଆଜୀବନ ସଦସ୍ୟ ସଂଖ୍ୟା ୧୨୫୭ ଏବଂ ବାର୍ଷିକ ସଦସ୍ୟ ପ୍ରାୟ ୧୫୦ ରହିଛି । ଅନୁଷ୍ଠାନର ନିଜସ୍ୱ ପବ୍ଲିକେଶନ୍ ହାଉସ୍ ପକ୍ଷରୁ ୨୮ଟି ପୁସ୍ତକ ପ୍ରକାଶିତ ହୋଇଛି ।

## ମୋବାଇଲ୍ ଓ ଇ- ଲାଇବ୍ରେରି



ରାଉରକେଲା ସହରର ବସ୍ତି ଅଞ୍ଚଳରେ ଲୋକଙ୍କୁ ସାକ୍ଷର କରିବାର ଅଭିପ୍ରାୟ ନେଇ ଏକ ମୋବାଇଲ ଲାଇବ୍ରେରି କାର୍ଯ୍ୟ କରୁଛି । ଏହାରି ମାଧ୍ୟମରେ ସପ୍ତାହକୁ ଥରେ ଏହା ବିଭିନ୍ନ ଅଞ୍ଚଳ ବୁଲି ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରାଯାଉଛି । ଏନ୍‌ଆଇଟି ସହଭାଗିତାରେ ପ୍ରଗତି ଉତ୍କଳ ସଂଘ ୧୦୦୦ ବହି ଇ-ଲାଇବ୍ରେରିରେ ଅପଲୋଡ୍ ହୋଇଛି । ସେଥିରେ ଡକ୍ଟର ଚିତ୍ତରଞ୍ଜନ ଦାସଙ୍କ ସର୍ବାଧିକ ୨୪୦ ବହି ଅପଲୋଡ୍ ହୋଇଛି । 'ସୃଜନିକା'ର ପ୍ରତିଷ୍ଠାତା ନିଖିଳ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଜିଟାଇଜେସନ୍ କରାଯାଇ ପାଠାଗାରରେ ଇ-ଲାଇବ୍ରେରିର ବ୍ୟବସ୍ଥା କରାଯାଇଛି ।




## ଉତ୍କଳମଣି ଗୋପବନ୍ଧୁ ଇସ୍ପାତ ଲାଇବ୍ରେରି

୧୯୬୧ ଫେବୃଆରୀରେ 'ଇସ୍ପାତ ସେଣ୍ଟ୍ରାଲ ଲାଇବ୍ରେରି' ପ୍ରତିଷ୍ଠା ହୋଇଥିଲା । ୧୨ଟି ଭାଷାର ୧୨୦୦ ପୁସ୍ତକକୁ ନେଇ ରାଉରକେଲା ସେକ୍ଟର -୪ରେ ଏହି ପାଠାଗାର ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ 'ଉତ୍କଳମଣି ଗୋପବନ୍ଧୁ ଇସ୍ପାତ ଲାଇବ୍ରେରି' ନାମରେ ଏହାର ନାମକରଣ ହୋଇଥିଲା । ବର୍ତ୍ତମାନ ଏହି ପାଠାଗାରର ଆଜୀବନ ସଦସ୍ୟ ସଂଖ୍ୟା ୨୫୬୧ । ବେଦ, ପୁରାଣ,ସାହିତ୍ୟ, ବିଜ୍ଞାନ, ଇତିହାସ ଆଦି ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତିର ଭାଷାରେ ପ୍ରାୟ ୪୮୦୦୦ ରୁ ଅଧିକ ପୁସ୍ତକ ଏଠାରେ ଉପଲବ୍ଧ ରହିଛି । ଓଡ଼ିଆ, ହିନ୍ଦୀ, ଇଂରାଜୀ, ସଂସ୍କୃତ, ବଙ୍ଗାଳୀ, ଗୁଜରାଟୀ, ପଞ୍ଜାବୀ, ତାମିଲ, ତେଲୁଗୁ, ମରାଠୀ, ମାଲାୟଲମ୍, ଉର୍ଦ୍ଦୁ ଏବଂ କନ୍ନଡ଼ ଆଦି ବିଭିନ୍ନ ପାଠକଙ୍କ ସୁବିଧା ନିମନ୍ତେ ୩୫ରୁ ୪୦ଟି ବିଭିନ୍ନ ଭାଷାର ପତ୍ରିକା, ଦୈନିକ ୯ଟି ଖବରକାଗଜ ଏଠାକୁ ଆସୁଛି । ଫଳରେ ପାଠକୀୟ ଆଦୃତିକୁ ବହୁଗୁଣରେ ବୃଦ୍ଧି ପାଇଛି । ବର୍ତ୍ତମାନ ପୁସ୍ତକଗୁଡ଼ିକର କମ୍ପ୍ୟୁଟରୀକରଣ ବର୍ତ୍ତମାନ ଚାଲିଛି । ଏହି ପରିସରରେ ଏକ ଇ-ଲାଇବ୍ରେରୀ ମଧ୍ୟ କାର୍ଯ୍ୟ କରୁଛି । ୧୦୦୦ରୁ ଅଧିକ ଇ-ବହି ଅଛି ।

## ଆଦର୍ଶ ପାଠାଗାର

୧୯୫୭ ମସିହାରେ କେତେଜଣ ସାହିତ୍ୟ ପ୍ରେମୀ ଯୁବକଙ୍କ ଉଦ୍ୟମରେ ଏକ ଛୋଟ ଲାଇବ୍ରେରି ଆରମ୍ଭ କରିଥିଲେ । ୧୯୫୯ ମସିହାରେ ଓଡ଼ିଶାର ବରପୁତ୍ରମାନଙ୍କ ଆଦର୍ଶରେ ଯୁବ ସମାଜକୁ ଅନୁପ୍ରାଣିତ କରିବା ଲକ୍ଷ୍ୟ ନେଇ 'ଆଦର୍ଶ ପାଠାଗାର' ନାମରେ ଏକ ସଂସ୍ଥା ସୋସାଇଟି ରେଜିଷ୍ଟ୍ରେସନ୍ ଆଇନ ଅନୁସାରେ ଗଠନ କରାଗଲା । ପରେ ସେକ୍ଟର-୧୮ ରେ ରାଉରକେଲା ଇସ୍ପାତ କାରଖାନା ପ୍ରଦତ୍ତ ଏକ ଘରେ ପାଠାଗାର ସୁଚାରୁ ରୂପେ ଚାଲିଲା ।




ବର୍ତ୍ତମାନ ଆଦର୍ଶ ପାଠାଗାରର ଆଜୀବନ ସଦସ୍ୟ ସଂଖ୍ୟା ୪୮୦ରେ ପହଞ୍ଚିଛି । ଏହି ପାଠାଗାରର ପୁସ୍ତକ ସଂଖ୍ୟା ୪୨୦୦୦ରୁ ଉର୍ଦ୍ଧ୍ୱ । ବେଦ, ପୁରାଣ, ସାହିତ୍ୟ, ବିଜ୍ଞାନ, ଇତିହାସ, ଭାଷାକୋଷ ଆଦି ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ଭାଷାର ବିଭିନ୍ନ ପୁସ୍ତକ ଏଠାରେ ଉପଲବ୍ଧ ରହିଛି ।




## ଗୋପବନ୍ଧୁ ପାଠାଗାର

ରାଉରକେଲାର ଛେଣ୍ଡ କଲୋନୀରେ ୨୦୦୩ ମସିହାରେ ତତ୍କାଳୀନ ବିଧାୟକ ଅଜିତ ଦାସଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା 'ଗୋପବନ୍ଧୁ ପାଠାଗାର' । ଛେଣ୍ଡ କଲୋନୀର କେନ୍ଦ୍ରସ୍ଥଳରେ ଥିବା ଏହି ପାଠାଗାରକୁ ନିୟମିତ ୨୫ରୁ ୩୦ ଜଣ ବରିଷ୍ଠ ନାଗରିକ ପଢ଼ିବା ପାଇଁ ଆସିଥାନ୍ତି । ଓଡ଼ିଆ ଏବଂ ଇଂରାଜୀ ଭାଷାର ପ୍ରାୟ ୭ଟି ଦୈନିକ ସମ୍ବାଦପତ୍ର ସହ ବିଭିନ୍ନ ସାପ୍ତାହିକ ଏବଂ ମାସିକ ପତ୍ରିକା ଆସିଥାଏ । ଉପର ମହଲାର 'ସତ୍ୟବାଦୀ ସଭା କକ୍ଷ'ରେ ପ୍ରାୟ ପ୍ରତିଦିନ ସାହିତ୍ୟ ସଭା କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ପାଠାଗାର ସଦା ଚଳଚଞ୍ଚଳ ହୋଇରହୁଛି । ଆଗ୍ରହୀ ପାଠକମାନେ ପାଠାଗାରର ଥିବା ପ୍ରାୟ ତିନି ହଜାର ପାଖାପାଖି ବହିର ମଧ୍ୟ ସଦୁପଯୋଗ କରୁଛନ୍ତି ।

# ପରିଚୟ ଖୋଜୁଛି ପାଠାଗାର


**କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ସବୁ ବର୍ଗର ଲୋକଙ୍କ ନିମନ୍ତେ ପାଠାଗାରର ଆବଶ୍ୟକତା ରହିଛି । କିଛିବର୍ଷ ପୂର୍ବରୁ ଆମେ ଯଦି ଫେରି ଚାହିଁବା ପାଠାଗାର ଯେ, କେତେ ଜରୁରି ଥିଲା, ତାହା ଉପଲବ୍ଧି କରିହେବ । ହେଲେ ଡିଜିଟାଲ୍ ଯୁଗରେ ଏବେ ଢେର୍ ପଛରେ ପଡ଼ିଯାଇଛି ପାଠାଗାର । ସମୟ ଥିଲା ଶ୍ରେଣୀ ଶିକ୍ଷା ପରେ ଛାତ୍ରଛାତ୍ରୀଙ୍କ ପାଇଁ ଏହା ବେଶ୍ ଗୁରୁତ୍ୱ ବହନ କରୁଥିଲା ପାଠାଗାର । ହେଲେ ଏବେ ସେଭଳି ସ୍ଥିତି ନାହିଁ । ଆଜି ସବୁଠି ପାଠାଗାରର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । ଆଗଭଳି ପାଠାଗାରରେ ଗହଳି, ଚହଳି ନାହିଁ । ସରକାରୀ ପାଠାଗାର ଅବସ୍ଥା ନ କହିବା ଭଲ । ସଂସ୍କୃତି ସହର ପୁରୀର ଏକାଧିକ ପାଠାଗାର ଆଜି ଜନମାନସରୁ ହଜିଯାଇଥିବା ବେଳେ ଅନେକ ନିଜ ପରିଚୟ ଅଣ୍ଡାଳୁଛନ୍ତି ।**

ହେମନ୍ତ ନାୟକ, ପୁରୀ





## ରଘୁନନ୍ଦନ ଲାଇବ୍ରେରି




ଶ୍ରୀକ୍ଷେତ୍ର ପୁରୀ ହେଉଛି ଭାରତର ସାଂସ୍କୃତିକ ରାଜଧାନୀ। ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ କରିବା ପାଇଁ ବିଭିନ୍ନ ବଦାନ୍ୟ ବ୍ୟକ୍ତି, ମଠବାଡ଼ି ଓ ପ୍ରଶାସନ ସହଯୋଗରେ ଏକାଧିକ ପାଠାଗାର ସ୍ଥାପନ କରାଯାଇଥିଲା । ପୁରୀରେ ପାଠାଗାର କଥା ପଡ଼ିଲେ, ପ୍ରଥମେ ସମସ୍ତଙ୍କୁ ମନକୁ ଆସେ 'ରଘୁନନ୍ଦନ ଲାଇବ୍ରେରୀ', ଯାହା ଆଜି ସ୍ମୃତି ପାଲଟିଯାଇଛି । ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏମାର ମଠ ରଘୁନନ୍ଦନ ପାଠାଗାରକୁ ଜନ୍ମ ଦେଇଥିଲା । ମହନ୍ତ ଗଦାଧର ରାମାନୁଜ ଦାସ ୧୯୨୧ ଅଗଷ୍ଟ ୧୪ ତାରିଖରେ ରଘୁନନ୍ଦନ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏମାର ମଠର ତତ୍ତ୍ୱାବଧାନରେ ରଘୁନନ୍ଦନ ପାଠାଗାର ପରିଚାଳିତ ହୋଇଆସୁଥିଲା । ଗଦାଧର ରାମାନୁଜ ନିଜ ଗୁରୁ ରଘୁନନ୍ଦନ ରାମାନୁଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଠାଗାରକୁ ନିର୍ମାଣ କରିଥିଲେ। ଏଠାକୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ପତ୍ରିକା ଆସୁଥିଲା । ୧୩ଟି ସାପ୍ତାହିକ ପତ୍ରିକା ମଧ୍ୟ ପାଠିକାପାଠକଙ୍କ ଉଦ୍ଦେଶ୍ୟରେ ଆସୁଥିଲା । ସେହିଭଳି ଏଠାରେ ୭୧୫ ଖଣ୍ଡ ଇଂରାଜୀ ପୁସ୍ତକ, ୮୧୧ ଖଣ୍ଡ ଓଡ଼ିଆ, ୭୦୧ ଖଣ୍ଡ ସଂସ୍କୃତ, ୫୫୦ଖଣ୍ଡ ବଙ୍ଗଳା ଓ ୪୮୩ ଖଣ୍ଡ ହିନ୍ଦୀ ପୁସ୍ତକ ରହିଥିଲା । ଏହା ସହ ୨୬୬ ଖଣ୍ଡ ତାଳପତ୍ର ପୋଥି ମଧ୍ୟ ରହିଥିଲା । ପରବର୍ତ୍ତୀ ସମୟରେ ଭାରତର ବିଭିନ୍ନ ପ୍ରଦେଶରୁ ଅନେକ ଦୁର୍ଲଭ ଗ୍ରନ୍ଥ ଓ ଧର୍ମ ଗ୍ରନ୍ଥ ମଧ୍ୟ ରଘୁନନ୍ଦନ ଲାଇବ୍ରେରିରେ ସଂରକ୍ଷିତ ହୋଇ ରହିଥିଲା । ବିଶେଷକରି ଦକ୍ଷିଣ ଭାରତର ପଣ୍ଡିତମାନେ ରଘୁନନ୍ଦନ ଲାଇବ୍ରେରିକୁ ଅଧ୍ୟୟନ ଉଦ୍ଦେଶ୍ୟରେ ଆସୁଥିଲେ । ବେଦ, ପ୍ରାଚୀନ ଧର୍ମ ପୁସ୍ତକ, ଉପନିଷଦ ଆଦିର ପାଠ ପାଇଁ ଏହି ପାଠାଗାର ଏକକ ଜ୍ଞାନକେନ୍ଦ୍ର ଭାବେ ଗରିମା ଅର୍ଜନ କରିଥିଲା । ପାଠାଗାରଟି ସିଂହଦ୍ୱାର ସମ୍ମୁଖରେ ଅବସ୍ଥିତ ରହିଥିବା ହେତୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ମଧ୍ୟ ପାଲଟିଥିଲା । ତେବେ ୨୦୦୦ ଆରମ୍ଭ ହେବାବେଳକୁ ଅନେକ ପୁସ୍ତକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଥିଲା । ଅନେକ ବହି ଓ ତାଳପତ୍ର ପୋଥି ଚୋରି ହୋଇଯାଇଥିଲା । ଏହି ପାଠାଗାର ପ୍ରାଚୀନ ପୁସ୍ତକର ଏକ ଭଣ୍ଡାର ଥିଲା । ଶ୍ରୀମନ୍ଦିର ଜାନିଯାତ୍ରା, ପରମ୍ପରା ଓ ସଂସ୍କୃତି ଉପରେ ଜ୍ଞାନ ଆହରଣ କରିବା ପାଇଁ ଅନେକ ପଣ୍ଡିତ ରଘୁନନ୍ଦନ ଲାଇବ୍ରେରୀକୁ ଆସୁଥିଲେ। ତେବେ ୨୦୨୦ରେ ପରିକ୍ରମା ପ୍ରକଳ୍ପ ପାଇଁ ଏହାକୁ ଉଚ୍ଛେଦ କରାଯିବା ପରେ ପୁସ୍ତକଗୁଡ଼ିକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ସଂରକ୍ଷିତ ରଖାଯାଇଛି । କେବେ ପୁଣି ତିଆରି ହେବ ରଘୁନନ୍ଦନ ପାଠାଗାର ତାହାକୁ ନେଇ ସନ୍ଦେହ ଉପୁଜିଛି ।

## ଆଚାର୍ଯ୍ୟ ହରିହର ପାଠାଗାର

ପୁରୀର ଅନ୍ୟତମ ପୁରୁଣା ପାଠାଗାର ଭାବେ ବେଶ୍ ପରିଚିତ ଥିଲା 'ଆଚାର୍ଯ୍ୟ ହରିହର ପାଠାଗାର'। ଶରଧାବାଲି ନାକଚଣା ଦ୍ୱାର ନିକଟରେ ୧୯୭୪ ମସିହାରେ ଛୋଟିଆ ଆଜବେଷ୍ଟସ୍ ଘରୁ ଏହା ଆରମ୍ଭ ହୋଇଥିଲା । ସହରର କେନ୍ଦ୍ରସ୍ଥଳୀରେ ଏହା ନିର୍ମାଣ ହୋଇଥିବାରୁ ବହୁ ଛାତ୍ରଛାତ୍ରୀ, ଗବେଷକ, ବୁଦ୍ଧିଜୀବୀ ଏଠାରେ ଅଧ୍ୟୟନ ଓ ଗବେଷଣାର ସୁବିଧା ନେଉଥିଲେ । ପାଠାଗାର ଚାଲୁଥିବା ସ୍ଥାନରେ ଶରଧାବାଲି ସରକାରୀ ଉପ୍ରା ବିଦ୍ୟାଳୟ ଆରମ୍ଭ ହେଲା । କାଳକ୍ରମେ ବିଦ୍ୟାଳୟଟି ପକ୍କାଘର ହେବା ସହିତ ଏହା ପରିସରରେ ଚାଲୁଥିବା ପାଠାଗାର ନୂଆରୂପ ଦେବା ଆଳରେ ଧ୍ୱଂସ କରିଦିଆଗଲା । ବିଦ୍ୟାଳୟକୁ ଲାଗି ପୁରୀ ପୌରସଂସ୍ଥା ପକ୍ଷରୁ ନିର୍ମିତ ହେଲା ମୁକ୍ତାକାଶ ରଙ୍ଗମଞ୍ଚ । ରଙ୍ଗମଞ୍ଚ ତଳେ ନିର୍ମିତ ୩ଟି ଗ୍ରୀନ୍‌ରୁମ୍‌ରୁ ଗୋଟିଏ କକ୍ଷରେ ପାଠାଗାର ଚାଲିଲା । ହେଲେ ଭୂତଳ ଗୃହ ନିର୍ମାଣରେ ବୈଷୟିକ ତ୍ରୁଟି ଯୋଗୁ ବର୍ଷାଦିନରେ ପାଣି ପଶି ଗୁରୁତ୍ୱପୂର୍ଣ୍ଣ ବହି ସହିତ କାଠ ଆଲମିରା, ଟେବୁଲ, ଚେୟାର ଆଦି ଆସବାବପତ୍ର ନଷ୍ଟ ହେଲା । ପୁରୀ ପୌରସଂସ୍ଥା ପାଠାଗାର ବହିପତ୍ର ଏବଂ ଆସବାବପତ୍ର ନେଇ କେଉଁଠି ରଖିଛି, ତାହା ଏବେ କାହାକୁ ଜଣାନାହିଁ । ରଘୁନନ୍ଦନ ଲାଇବ୍ରେରୀ ପରି ହଜିଯାଇଛି ଆଚାର୍ଯ୍ୟ ହରିହର ପାଠାଗାର ।








ସେହିପରି ଜିଲ୍ଲା ପାଠାଗାରରେ କୌଣସି କର୍ମଚାରୀ ନ ଥିବାବେଳେ ଏହା ତାଲା ପଡ଼ିଛି । ଅନ୍ୟାନ୍ୟ ପାଠାଗାର ମଧ୍ୟରେ ସ୍ୱର୍ଗଦ୍ୱାର ନିକଟ ଭାରତ ସେବାଶ୍ରମ ସଂଘ ପାଠାଗାର, ରାମକୃଷ୍ଣ ମିଶନ ଓ କ୍ୟାଥଲିକ ଚର୍ଚ୍ଚ ପାଠାଗାର, ଟାଉନ ହଲ୍‌ସ୍ଥିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପାଠାଗାର, ମାର୍କଣ୍ଡେଶ୍ୱର ସାହିସ୍ଥିତ ସର୍ବମଙ୍ଗଳା ପାଠାଗାର, ହେରାଗୋହିରୀସ୍ଥିତ ଚନ୍ଦ୍ରଶେଖର ପାଠାଗାର, କୁଣ୍ଢେଇବେଣ୍ଟ ସାହି ପଞ୍ଚମୁଖୀ ଚଉରା ନିକଟ ଜାଡୁଆଣୀ ଲାଇବ୍ରେରୀ, ବାଲିସାହିସ୍ଥିତ ବରାହୀ ପାଠାଗାର, ସମାଜ କାର୍ଯ୍ୟାଳୟର ଗୋପବନ୍ଧୁ ପାଠାଗାର, ବଡ଼ଦାଣ୍ଡ ବଳଗଣ୍ଡିସ୍ଥିତ ସୁଭଦ୍ରା ପାଠାଗାର, ବାଲିସାହି ଭୃଗୁ ଆଶ୍ରମ ପରିସର ଉଗ୍ରସେନ ପାଠାଗାର, ଜଗନ୍ନାଥ ବଲ୍ଲଭସ୍ଥିତ ଶ୍ରୀମନ୍ଦିର ପ୍ରଶାସନର ଶ୍ରୀଜଗନ୍ନାଥ କେନ୍ଦ୍ରୀୟ ପାଠାଗାର ଓ ଗବେଷଣା ପ୍ରତିଷ୍ଠାନ, ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଶିକ୍ଷାଶ୍ରୀ ଶିଶୁ ପାଠାଗାର, ଅଠରନଳା ନୀଳଚକ୍ରନଗର ସ୍ଥିତ ସିଦ୍ଧିଦାତା ଶିଶୁ ପାଠାଗାର ମଧ୍ୟରୁ ଅନେକ ଏକପ୍ରକାର ବନ୍ଦ ହୋଇଗଲାଣି । କାଁ ଭାଁ ପାଠାଗାରକୁ ପ୍ରତିଦିନ ହାତଗଣତି ପାଠକ ଆସୁଛନ୍ତି ।



### "ପାଠାଗାରାଗୁଡ଼ିକର ନବୀକରଣ ଆବଶ୍ୟକ"

ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ କରିବା ପାଇଁ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଏଠାରେ ଏକାଧିକ ପାଠାଗାର ସ୍ଥାପନା କରାଯାଇଥିଲା । ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ପୋଥି, ନଥି ଓ ସାହିତ୍ୟ ପୁସ୍ତକ ଉପଲବ୍ଧ ହେଉଥିଲା । ଏହିପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାଠାଗାର ହେଉଛି, ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏମାର ମଠ ପରିସରର ରଘୁନନ୍ଦନ ପାଠାଗାର ଏବଂ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଥିବା ଆଚାର୍ଯ୍ୟ ହରିହର ପାଠାଗାର । ଅତୀତର ଅନେକ ଇତିହାସକୁ ସାଇତି ରଖିଥିବା ଏହି ପାଠାଗାର ୨ଟିର ଭାଗ୍ୟ ଏବେବି ଆଶା ଓ ଆଶଙ୍କାରେ । ଏଠାରେ ଥିବା ଶହ ଶହ ବର୍ଷର ପୁରୁଣା ପାଣ୍ଡୁଲିପି, ମୂଲ୍ୟବାନ ବିରଳ ପୋଥି ଏବଂ ଦୁର୍ମୂଲ୍ୟ ପୁସ୍ତକ ସଂପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ଦେଖା ଦେଇଛି । ଦୁଇଗୋଟି ପାଠାଗାରର ଉପଯୁକ୍ତ ମର୍ଯ୍ୟାଦା ଦେଇ ପୂର୍ଣ୍ଣ ସଂସ୍ଥାପନା କରିବାର ଦାୟିତ୍ୱ ଜିଲ୍ଲା ପ୍ରଶାସନହାତକୁ ନେଇଥିବାବେଳେ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ପୁରୀବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏହି ପାଠାଗାରାଗୁଡ଼ିକର ନବୀକରଣ ସହ ସୁରକ୍ଷିତ ଭାବରେ ପୁସ୍ତକଗୁଡ଼ିକୁ ରଖିବା ପାଇଁ ଅନୁରୋଧ କରୁଛି । ■

**ଶ୍ୟାମ ପ୍ରକାଶ ସେନାପତି**
ସଂପାଦକ, ଅଭିନନ୍ଦନିକା, ପୁରୀ





# ଯୁବପିଢ଼ିଙ୍କୁ ଆକର୍ଷିତ କରୁଛି ପାଠାଗାର

ଶୁଭମ୍ ଖଡ଼ିରତ୍ନ, ସମ୍ବଲପୁର

ଶିକ୍ଷାପ୍ରାପ୍ତିର ମୂଳ ଉପାଦାନ ହେଲା ପୁସ୍ତକ । ପୁସ୍ତକ ପଠନ ଦ୍ୱାରା ମଣିଷର ଚିନ୍ତା, ଚେତନା,ଜ୍ଞାନର ବିକାଶ ହୋଇଥାଏ । ସର୍ବସାଧାରଣଙ୍କ ପଠନ ପାଇଁ ଏହି ପୁସ୍ତକ ପାଇବାର ଠିକଣା ହେଉଛି ପାଠାଗାର ବା ଲାଇବ୍ରେରି । ଶିକ୍ଷାର ବିକାଶ ଓ ଜ୍ଞାନର ପରିପ୍ରକାଶ ପାଇଁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଅନେକ ପାଠାଗାର ରହିଛି । ସମ୍ବଲପୁରର ବିଭିନ୍ନ ସ୍କୁଲ, କଲେଜ ଲାଇବ୍ରେରି ବ୍ୟତୀତ ସହରରେ ୩ଟି ପ୍ରମୁଖ ପାଠାଗାର ରହିଛି । ପୁସ୍ତକ କେବଳ ଜ୍ଞାନ ବୃଦ୍ଧି କରେ ନାହିଁ, ମଣିଷକୁ ଲକ୍ଷ୍ୟପ୍ରାପ୍ତି ପାଇଁ ମାର୍ଗ ପ୍ରଦର୍ଶନ କରେ । ବର୍ତ୍ତମାନ ଇଣ୍ଟର୍‌ନେଟ୍ ଯୁଗରେ ମଧ୍ୟ ପୁସ୍ତକର ଚାହିଦା ରହିଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀଙ୍କ ପାଇଁ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଛି ଅନେକ ପାଠାଗାର । ତେବେ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଥିବା ପାଠାଗାରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ନେଇ ସମସ୍ୟା ଲାଗିରହିଛି । ସମ୍ବଲପୁରରେ ଅବସ୍ଥିତ କେତୋଟି ପାଠାଗାରକୁ ନେଇ ପ୍ରସ୍ତୁତ ଏଇ ସ୍ୱତନ୍ତ୍ର ରିପୋର୍ଟ ।

## ପବ୍ଲିକ୍ ଲାଇବ୍ରେରି

ସମ୍ବଲପୁର ସହରର ଭୂତାପଡ଼ାରେ ରହିଛି ବେସରକାରୀସ୍ତରରେ ପରିଚାଳିତ ପବ୍ଲିକ୍ ଲାଇବ୍ରେରି । ପୁସ୍ତକ ପଠନ ପ୍ରତି ଆଗ୍ରହୀ ପାଠକଙ୍କ ପାଇଁ ଏହା ବରଦାନ ସାଜିଛି । ଏଠାରେ ପ୍ରାୟ ୩୫ ରୁ ୪୦ ହଜାର ପୁସ୍ତକ ରହିଛି । ଏହାର ଭିତ୍ତିଭୂମି ସଦୃଢ଼ ରହିଥିବା ବେଳେ ଅନେକ ସଂଖ୍ୟାରେ ଉପାଦେୟ ପୁସ୍ତକ ମଧ୍ୟ ଲାଇବ୍ରେରିକୁ ଆସୁଛି । ପ୍ରତିଦିନ ଲାଇବ୍ରେରିକୁ ପଢ଼ିବା ପାଇଁ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆସୁଛନ୍ତି । ଯୁବଗୋଷ୍ଠୀଙ୍କ ମଧ୍ୟରେ ଅଧିକ ବହି ପଢ଼ାକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସମାଜରେ ଜ୍ଞାନ ବିତରଣ କରି ଚାଲିଛି । ଏହି ପାଠାଗାରରେ ସାହିତ୍ୟ, ଆଧ୍ୟାତ୍ମିକ, ବିଜ୍ଞାନ, ଇତିହାସ, ଶବ୍ଦକୋଷ ଆଦି ବିଭିନ୍ନ ପ୍ରକାର ପୁସ୍ତକ ଉପଲବ୍ଧ ରହିଛି । ପିଲାମାନଙ୍କୁ ନୈତିକ, ଆଧ୍ୟାତ୍ମିକ ଓ ଶାରୀରିକ ଶିକ୍ଷା, ମୌଳିକ ସାଧାରଣ ଜ୍ଞାନର ବିକାଶ ପାଇଁ ପ୍ରତ୍ୟେକ ରବିବାର ସହର ଓ ସହର ବାହାରର ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ‘ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି’ କାର୍ଯ୍ୟକ୍ରମ କରାଯାଉଛି । ଏହି ଶିବିରରେ ପ୍ରବୀଣ ଅଧ୍ୟାପକ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର୍ ଓ ସମାଜସେବୀମାନେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିର ସମ୍ପାଦକ ରଘୁନାଥ ମିଶ୍ର ରହିଛନ୍ତି । ପୁସ୍ତକ ପଠନ ପ୍ରତି ଯୁବପିଢ଼ିଙ୍କ ଭିତରେ ଅଧିକ ଆଗ୍ରହ ସୃଷ୍ଟି କରିବା ପାଇଁ ଆଗକୁ ଆହୁରି କିଛି କରିବାକୁ ଲାଇବ୍ରେରିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଲାଗିଥିବା ରାଜେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି ।





## ଜିଲ୍ଲା ପାଠାଗାର

ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ‘ସଂସ୍କୃତି ଭବନ’ରେ ମଧ୍ୟରେ ‘ଜିଲ୍ଲା ପାଠାଗାର’ ରହିଛି । ସେଠାରେ ପାଠକଙ୍କ ପାଇଁ ୨୮ ହଜାରରୁ ଅଧିକ ପୁସ୍ତକ ରହିଛି । ହେଲେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନଥିବାରୁ ଧୀରେ ଧୀରେ ପାଠକଙ୍କ ସଂଖ୍ୟା କମିବା ଲାଗିଛି । ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଏଠାରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବହୁ ଉପାଦେୟ ପୁସ୍ତକ ରହିଛି । କେବଳ ଛାତ୍ରଛାତ୍ରୀ ନୁହଁନ୍ତି, ଜନସାଧାରଣଙ୍କ ପାଇଁ ମଧ୍ୟ ଏହି ପାଠାଗାର ସରକାରୀ ସମୟ ମଧ୍ୟରେ ଖୋଲା ରହୁଛି । ତେବେ ଆଶ୍ଚର୍ଯ୍ୟର କଥା ହେଲା, ଏତେବଡ଼ ପାଠାଗାରକୁ ପରିଚାଳନା କରିବା ପାଇଁ କେହି ନାହାନ୍ତି । ଲାଇବ୍ରେରି ଆସିଷ୍ଟାଣ୍ଟ ଓ ଲାଇବ୍ରେରି ଆଟେଣ୍ଡାଣ୍ଟ ପଦ ଦୀର୍ଘ ମାସ ହେଲା ଖାଲି ପଡ଼ିଛି । ଚତୁର୍ଥଶ୍ରେଣୀ କର୍ମଚାରୀ ପଦ ମଧ୍ୟ ଖାଲିପଡ଼ିଛି । ବର୍ତ୍ତମାନ ସେଠାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଭାବେ ଜଣେ ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ପାଠକଙ୍କ ପଢ଼ିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି ସତ, ତେବେ ଦୀର୍ଘ ମାସ ହେଲା ତାହାର ରକ୍ଷଣାବେକ୍ଷଣ ହେଉନି । ବର୍ଷା ପାଣିରେ ସିଲିଂ ଭାଙ୍ଗିଗଲାଣି । ବସି କରି ବହି ପଢ଼ିବା ପାଇଁ ଆବଶ୍ୟକ ବ୍ୟବସ୍ଥା ମଧ୍ୟ ନାହିଁ । ଏଭଳି ସ୍ଥିତିରେ ପାଠାଗାରକୁ ଆସି ବହି ପଢ଼ିବା ନେଇ ସମସ୍ୟା ଥିବାରୁ ପାଠକଙ୍କ ସଂଖ୍ୟା ମଧ୍ୟ କମିବାରେ ଚାଲିଛି ।

## ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପାଠାଗାର

ଗୋଲବଜାର ଛକରେ ପାଠକଙ୍କ ପାଇଁ ଜିଲ୍ଲା ଲୋକ ସୂଚନା ବିଭାଗ ପକ୍ଷରୁ ଏକ ପାଠାଗାର ରହିଛି । ହେଲେ ଏବେ ଏହାର ସ୍ଥିତ ମଧ୍ୟ ଅତି ଦୟନୀୟ । ରକ୍ଷଣାବେକ୍ଷଣା ଅଭାବରୁ ପାଠକ ସଂଖ୍ୟା ହ୍ରାସ ପାଇ ପାଇଛି । ଏଠାରେ ପ୍ରାୟତଃ ୬ ହଜାରରୁ ଅଧିକ ପୁସ୍ତକ ରହିଛି । ହେଲେ ପାଠାଗାରର ଭିତ୍ତିଭୂମି ଭୁଶୁଡ଼ି ଯାଇଛି । ଯାହା ଫଳରେ ପାଠକ ସଂଖ୍ୟା କମି ଯାଇଛନ୍ତି । ଏବେ ସକାଳୁ କେବେ କେବେ କିଛି ପାଠକ ଆସି ଖବରକାଗଜ ପଢୁଛନ୍ତି । ହେଲେ ଏହାର ସ୍ଥିତି ସୁଧାରିବାର ପ୍ରୟାସ ଜାରି ରହିଛି ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଯୁକ୍ତା କୁଲୁ କହିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଏହି ପାଠାଗାର ସ୍ଥାନାନ୍ତରଣ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଅଧିକ ସଂଖ୍ୟାରେ ବହି ଏହି ପାଠାଗାରାକୁ ଅଣାଯିବ । ନୂତନ ସ୍ଥାନକୁ ରକ୍ଷଣାବେକ୍ଷଣା କରି ପାଠକଙ୍କୁ ଆକୃଷ୍ଟ କରାଯିବ । ଏ ନେଇ ବିଭିନ୍ନ ସ୍ଥାନରେ ପ୍ରଚାରପ୍ରସାର ମଧ୍ୟ କରାଯିବ । ସୂଚନା ଓ ଲୋକ ସଂପର୍କ ବିଭାଗର ପାଠାଗାରକୁ ଅଧିକ ସଂଖ୍ୟାରେ ପାଠକ ଆସିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଓ ଲୋକ ସଂପର୍କ ଅଧିକାରୀ କହିଛନ୍ତି ।

# ଅର୍ଦ୍ଧଶତାବ୍ଦୀର ଐତିହ୍ୟ, ଅବିସ୍ମରଣୀୟ ଇତିହାସ




କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର

**ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ରହିଛି ମଞ୍ଜୁଷା ଗଡ଼। ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରୁ ଏହା ଅନ୍ୟତମ। ଆନ୍ଧ୍ରର ଶ୍ରୀକାକୁଳମ୍ ଜିଲ୍ଲା ଅନ୍ତର୍ଗତ 'ମଞ୍ଜୁଷା' ଏକ ଐତିହ୍ୟ ସମ୍ପନ୍ନ ଅଞ୍ଚଳ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ମଞ୍ଜୁଷାର ଇତିହାସ ଅବିସ୍ମରଣୀୟ। ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ ମଞ୍ଜୁଷା ବ୍ରିଟିଶ୍ ରାଜ୍ୟ ଅଧୀନରେ ଏକ ଜମିଦାରୀ ରୂପେ ସ୍ୱୀକୃତି ପାଇଥିଲା। ମାଡ୍ରାଜ୍ ପ୍ରେସିଡେନ୍ସିର ଗଞ୍ଜାମ ଜିଲ୍ଲାରେ ଏହା ୧୯୩୨ ମସିହା ପର୍ଯ୍ୟନ୍ତ ରହିଥିଲା। ତା'ପରେ ଏହା ମାଡ୍ରାଜ ଷ୍ଟେଟ୍‌ର ବିଶାଖାପାଟଣା ଜିଲ୍ଲାରେ ରହିଲା ୧୯୫୩ ମସିହା ପର୍ଯ୍ୟନ୍ତ। ୧୯୫୩ ମସିହାରେ ମଞ୍ଜୁଷା ଶ୍ରୀକାକୁଳମ୍ ଜିଲ୍ଲାରେ ଅନ୍ତର୍ଭୁକ୍ତ ହେଲା। ସମ୍ପ୍ରତି ଏହା ଉକ୍ତ ଜିଲ୍ଲା ଅଧୀନରେ ହିଁ ରହିଛି। ୧୯୫୬ ମସିହାରେ ଶ୍ରୀକାକୁଳମ୍ ଜିଲ୍ଲା ଗଠନ ହୋଇ ଆନ୍ଧ୍ର ସହ ସାମିଲ ହୋଇଥିଲା। ମଞ୍ଜୁଷାରେ ଥିବା 'ଓଡ଼ିଆ ଯୁବକ ପାଠାଗାର' ଏକତା ଓ ମର୍ଯ୍ୟାଦାର ସନ୍ତକ ପାଲଟିଛି।**

## ମର୍ଯ୍ୟାଦାର ସନ୍ତକ 'ଓଡ଼ିଆ ଯୁବକ ପାଠାଗାର'



୧୯୦୭ ମସିହାରେ ମଞ୍ଜୁଷାରେ ତତ୍କାଳୀନ ରାଜା ବାସୁଦେବ ରାଜମଣିଙ୍କ ପୃଷ୍ଠପୋଷକତାରେ ପ୍ରଥମେ 'ଯୁବ ପାଠାଗାର' ନାମରେ ଏକ ପାଠାଗାର ସ୍ଥାପନ ହୋଇଥିଲା। ପରବର୍ତ୍ତୀ କାଳରେ ଏହା 'ଓଡ଼ିଆ ଯୁବକ ପାଠାଗାର' ନାମରେ ନାମିତ ହେଲା। ବେଶ୍ କିଛିଦିନ ପାଠାଗାରଟି ପ୍ରତିଷ୍ଠା ହୋଇଥିବା ସ୍ଥାନରେ ଚାଲିଲା। ପରେ ରାଜା ସାହେବଙ୍କ ସହଯୋଗକ୍ରମେ ମଞ୍ଜୁଷା ରାଜବାଟି (ପ୍ୟାଲେସ୍) ସମ୍ମୁଖରେ ଥିବା ଦୁଇ ବଖରା ଘରେ ପାଠାଗାର ସ୍ଥାୟୀ ଭାବରେ ଚାଲିଲା। ସେତେବେଳେ ନରସିଂହ ପାଣିଗ୍ରାହୀ, ବୃନ୍ଦାବନ ତ୍ରିପାଠୀ, ଡକ୍ଟର ସତ୍ୟ ନାରାୟଣ ସାହୁ, ବାମଦେବ ପାଣିଗ୍ରାହୀ, ରାମପ୍ରସାଦ ଦାଶ ପ୍ରମୁଖଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁଁ ଏହି ପାଠାଗାର ବିଶେଷ ଅଗ୍ରଗତି ଲାଭ କଲା। ତାଙ୍କ ପରେ ମଞ୍ଜୁଷା ରାଜା ଶ୍ରୀନିବାସ ରାଜମଣି ରାଜଦେବଙ୍କ ସାହାଯ୍ୟ ଓ ସହଯୋଗ ଯୋଗୁଁ ପାଠାଗାରରେ ଉନ୍ନତି ହୋଇଥିଲା।


୧୯୩୦ ମସିହାରେ ତାଙ୍କର ଅକାଳ ବିୟୋଗ ପରେ ଟିଗିରିଆ ରାଜ କୁମାର ଶ୍ରୀ ଜଗନ୍ନାଥ ରାଜମଣି ରାଜଦେବ ସିଂହାସନ ଆରୋହଣ କରିଥିଲେ। ପାଠାଗାରକୁ ଆଲମିରା, ସହସ୍ରାଧିକ ଅମୂଲ୍ୟ ଗ୍ରନ୍ଥ, ତାଳପତ୍ର ପୋଥି ପ୍ରଦାନ କରି ପାଠାଗାରକୁ ନବକଳେବର ଦେଇଥିଲେ। ରାଜା, ଜମିଦାରୀ ପ୍ରଥା ଉଚ୍ଛେଦ ପରେ ଏହାର ପରିଚାଳନାରେ ତ୍ରୁଟି ଦେଖାଗଲା। ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ଏହି ପାଠାଗାର ସ୍ଥାନୀୟ ଉତ୍ସାହୀ ଯୁବକଙ୍କ ସହଯୋଗ କ୍ରମେ ନାନା ଅସୁବିଧା ସତ୍ତ୍ୱେ କିଛି ବର୍ଷ ଚାଲିଲା। ଏହାର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ସ୍ଥାନୀୟ ଲୋକମାନେ ଘର ଘର ବୁଲି ଚାଉଳ ମାଗିବା ସହ କିଛି ଟଙ୍କା ଯୋଗାଡ଼ କରି ପୁଣି ଏହାକୁ ସକ୍ରିୟ କରାଇଥିବା ଜଣାଯାଏ। ୧୯୫୩ ମସିହାରେ ଉତ୍କଳ ସମ୍ମିଳନୀର ୫୦ତମ ଅଧିବେଶନ ରାଜ ପ୍ରାସାଦରେ ପାଟଣା ରାଜା ରାଜେନ୍ଦ୍ର ନାରାୟଣ ସିଂହଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ପରେ ପାଠାଗାରର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ୧୯୮୨ରେ ସ୍ୱର୍ଗତ ବିନାୟକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୁବ କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପାଠାଗାର ଆନ୍ଧ୍ର ସରକାରଙ୍କ ପଞ୍ଜିକୃତ ହେଲା। ସେତେବେଳେ ଆନ୍ଧ୍ର କିମ୍ବା ଓଡ଼ିଶା ସରକାରଙ୍କଠାରୁ ପାଠାଗାରକୁ କୌଣସି ସହଯୋଗ ମିଳୁନଥିଲା। ତେବେ 'ଉତ୍କଳ ପରିଷଦ' ବ୍ରହ୍ମପୁର ତରଫରୁ ଓଡ଼ିଶାର ତତ୍କାଳୀନ ମନ୍ତ୍ରୀ ବୃନ୍ଦାବନ ନାୟକଙ୍କ ନେତୃତ୍ୱରେ ପାଠାଗାରର ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ଅଶୋକ କୁମାର ସାହୁ ପ୍ରମୁଖ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ସାକ୍ଷାତ କରି ଦକ୍ଷିଣ ବିଚ୍ଛିନ୍ନାଞ୍ଚଳର ସମସ୍ତ ଅଭାବ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ସେତେବେଳେ ସେ କିଛି ସାହାଯ୍ୟ କରିଥିଲେ। ଏହାର କିଛି ବର୍ଷ ପରେ ଉତ୍କଳ ସମ୍ମିଳନୀର ସଭାପତି ବସନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସମ୍ମିଳନୀ ପକ୍ଷରୁ ଏଠାରେ ଏକ ବଖରା ପକ୍କାଘର ନିର୍ମାଣ ହୋଇପାରିଛି।

### ୩ ହଜାରରୁ ଅଧିକ ପୁସ୍ତକ

ପାଠାଗାରରେ ବର୍ତ୍ତମାନ ବିଭିନ୍ନ ଭାଷାର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ଗଚ୍ଛିତ ରହିଛି। ଆର୍ଥିକ ଦୁରବସ୍ଥା ହେତୁ ଶତାଧିକ ତାଳପତ୍ର ପୋଥି ନଷ୍ଟ ହୋଇସାରିଥିବା ବେଳେ କିଛି ସଂରକ୍ଷିତ ହୋଇ ରହିଛି। ଏହି ପାଠାଗାରରେ ଏପରି ମୂଲ୍ୟବାନ ପୁସ୍ତକ ଥିଲା ଯେ, ଓଡ଼ିଶାର ବହୁ ଗବେଷକ ଆସି ଏଠାରୁ ତଥ୍ୟ ସଂଗ୍ରହ କରୁଥିଲେ। ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍ ତରଫରୁ ୨୫ବର୍ଷ ଧରି ଏଠାକୁ କିଛି ବହି ସାହାଯ୍ୟ ମିଳିଥିଲେ ହେଁ ପରବର୍ତ୍ତୀ ସମୟରେ ବନ୍ଦ ହୋଇଗଲା।



ମଞ୍ଜୁଷା ସ୍ଥିତ 'ଓଡ଼ିଆ ଯୁବକ ପାଠାଗାର'କୁ ଓଡ଼ିଶା ଓ ବାହାରୁ ବହୁ କବି ଲେଖକ, ସଙ୍ଗୀତଜ୍ଞ, ପଣ୍ଡିତ, ନ୍ୟାୟବାଦୀ, ରାଜନୀତିଜ୍ଞ, ମହାପୁରୁଷ ପଦାର୍ପଣ କରିଛନ୍ତି। ବ୍ୟାସକବି ଫକୀର ମୋହନ ସେନାପତି, ଭାଷାତତ୍ତ୍ୱବିତ୍ ଗୋପୀନାଥ ନନ୍ଦଶର୍ମା, ମଞ୍ଜୁଷା ରାଜାଙ୍କ ଦେବାନ୍ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବାପା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ନନ୍ଦିନୀ ଶତପଥୀ ପ୍ରମୁଖଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମଞ୍ଜୁଷା ପାଠାଗାର ପରିଦର୍ଶନ କରି ଅନୁଷ୍ଠାନର ପରିଚାଳନାକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ପ୍ରତି ମଞ୍ଜୁଷା ସ୍ଥିତ ଏହି ଯୁବକ ପାଠାଗାରଟି ତା'ର ଅସ୍ତିତ୍ୱ ବଜାୟ ରଖିଥିଲେ ହେଁ, ରଙ୍ଗ ଅଛି କିନ୍ତୁ ବାସ୍ନା ନାହିଁ। ସ୍ଥାନୀୟ ଉତ୍ସାହୀ ଯୁବକ ଓ ପରିଚାଳନା କର୍ମକର୍ତ୍ତାଙ୍କ ସହଯୋଗରେ ଏହା ଚାଲୁ ରହିଛି। ସେଠାରେ ବସବାସ କରୁଥିବା ଓଡ଼ିଆ ଯୁବକମାନେ ଉତ୍ସାହର ସହିତ ଏହି ପାଠାଗାର ବଞ୍ଚାଇ ରଖିଛନ୍ତି। ମଞ୍ଜୁଷାରେ ବସବାସ କରୁଥିବା ଓଡ଼ିଆମାନେ ଆନ୍ଧ୍ର ପ୍ରଦେଶର ଅଧିବାସୀ ହେଲେ ହେଁ ଓଡ଼ିଆ ସଂସ୍କୃତି ପରମ୍ପରାକୁ ବିଶେଷ ଗୁରୁତ୍ୱ ଦିଅନ୍ତି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା, ରକ୍ଷା କରିବାରେ ଦକ୍ଷିଣ ବିଚ୍ଛିନ୍ନାଞ୍ଚଳରେ ମଞ୍ଜୁଷା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା କେବଳ ଯୁବ ପାଠାଗାରର ଉଦ୍ୟମରେ ସଫଳ ହୋଇପାରିଛି। ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## କୃଷ୍ଣ ଦରବାରରେ କଂସ ରାଜୁତି

ଦ୍ୱାପର ଯୁଗରେ ମୃତ୍ୟୁ ଭୟର ବଶବର୍ତ୍ତୀ କଂସ ନିଜ ଦରବାରକୁ କୃଷ୍ଣ-ବଳରାମଙ୍କୁ ନିମନ୍ତ୍ରଣ କରି ହାତୀ ପାଦତଳେ ମଡ଼ାଇବା ଯୋଜନା କରିଥିଲା। ଶେଷରେ କୃଷ୍ଣଙ୍କୁ ଦେଖି ମଞ୍ଚରୁ ଖସି କଂସର ପ୍ରାଣ ଯାଇଥିଲା। ମଥୁରା ନରେଶ ରାକ୍ଷସ କଂସର ଦୁଷ୍ଟ ଚରିତ୍ର ପାଇଁ ଆଜି ବି ଲୋକମାନେ 'କଂସ'କୁ ଶତ୍ରୁତା ଆଚରଣ କରୁଥିବା ମାମୁଁ ଅର୍ଥରେ ଗ୍ରହଣ କରୁଛନ୍ତି। ମାତ୍ର କଳିଯୁଗର ମୋହନ ରାଜ୍ୟରେ ପରିସ୍ଥିତି ଠିକ୍ ବିପରୀତ। ଯୋଗାଣ ବିଭାଗରେ କଂସ ଏବେ ଅଖଣ୍ଡ କ୍ଷମତାର ଅଧିକାରୀ ଓ କୃଷ୍ଣ ଦରବାରରେ ସର୍ବମୟ କର୍ତ୍ତା। ଏଠି ବିନା କଂସରେ ଯେମିତି କୃଷ୍ଣଙ୍କ ଅସ୍ତିତ୍ୱ ନାହିଁ ଓ କଂସଙ୍କ ବିନା ଇଙ୍ଗିତରେ କୃଷ୍ଣ କିଛି କରିବାକୁ ପ୍ରସ୍ତୁତ ନୁହନ୍ତି। କୃଷ୍ଣଙ୍କ କାୟା ସହ ଛାୟା ପରି ଅନୁଧାବନ କରୁଛନ୍ତି କଂସ। ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ହେଉ ବା କଟକ ମାଲଗୋଦାମ; ଯେଉଁଠି କୃଷ୍ଣ- ସେଇଠି କଂସ। କୃଷ୍ଣ ଓ କଂସଙ୍କ ଏପରି ଅଭେଦ୍ୟ ସମ୍ପର୍କକୁ ଦେଖି ଜିଲ୍ଲାଧିପତି ସେଠୀ ବାବୁ ଆଉ ମୁର୍ମୁବାବୁ ତ ସକାଳେ କଂସଙ୍କୁ ଫୋନ୍ ନ କରିବା ପର୍ଯ୍ୟନ୍ତ କୁଆଡ଼େ ପ୍ରାତଃ ଭୋଜନ କରୁନାହାନ୍ତି। ଦାସବାବୁ ଆଉ ଗିରିବାବୁ ଦୁଧିଆଳି ଜିଲ୍ଲାକୁ ଯିବାକୁ ମଝିରେ ମଝିରେ କଂସଙ୍କୁ ନେହୁରା ହେଉଛନ୍ତି। ଏପଟେ ପାଣିଗ୍ରାହୀ ବାବୁ, ଟୁଡୁ ବାବୁ, ପାତ୍ରବାବୁ, ପଣ୍ଡାବାବୁ, ସ୍ୱାଇଁ ବାବୁ, ଆଚାର୍ଯ୍ୟ ବାବୁ, ସାହୁବାବୁ, ଅଲ୍ଲୀ ବାବୁ, ନାଏକ ମ୍ୟାଡ଼ାମଙ୍କ ସବୁ କାରବାର ତଦାରଖ ଦାୟିତ୍ୱ ଏବେ କଂସଙ୍କ ଉପରେ। ଯାଦବ ମହାଶୟ ଯାହା କରିପାରୁ ନାହାନ୍ତି, କୃଷ୍ଣଙ୍କୁ ଧରି କଂସବାବୁ ତାହା ସହଜରେ କରି ପାରୁଛନ୍ତି। ସେଥିପାଇଁ ଜାଉ ମୃତ୍ୟୁ ଘଟଣାର ଅନ୍ୟତମ ଖଳନାୟକ ମିଶ୍ରବାବୁ କୁଆଡ଼େ କଂସଙ୍କ ଶରଣ ପଶିଛନ୍ତି। ହେଲେ କଂସ କିପରି କୃଷ୍ଣଙ୍କର ଏତେ ନିକଟତର ହେଲେ ତାହାର ରହସ୍ୟ କେହି ଭେଦି ପାରୁ ନାହାନ୍ତି। ■



## ଛାଟ ବାଜିଲା, ବାହାରିଲେ ବାବୁ

ପଶୁଡାକ୍ତରରୁ ଆଇଏଏସ୍ ହୋଇଥିବା ବାବୁ ନୁନ୍‌ସାଭାଥ ଥିରୁମାଲା ନାଏକଙ୍କ ଓଡ଼ିଶା ରାଜ୍ୟ ପ୍ରବେଶ ପ୍ରାୟ ୧୫ ବର୍ଷ ହେଲାଣି। ତିନି ଜିଲ୍ଲାର ଜିଲ୍ଲାପାଳ ସହ ଶ୍ରମ କମିଶନର ଦାୟିତ୍ୱରେ ବାବୁ ରହିଥିଲେ; ରାଜ୍ୟରେ ଅତିରିକ୍ତ ନିର୍ବାଚନ ଅଧିକାରୀ ଦାୟିତ୍ୱ ଓ କେଇଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ବି ନିର୍ବାହ କରିଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଥିରୁମାଲାଙ୍କୁ ଏବେ ବି ରାଜ୍ୟର ବହୁ ଲୋକ ବାବୁ ପରିବର୍ତ୍ତେ ବାବୁଆଣୀ ଭାବନ୍ତି। ତାଙ୍କର ପୂରା ନାମକୁ ଉଚ୍ଚାରଣ କରିବାରେ ସମ୍ଭବତଃ ଅସୁବିଧା ହେଉଥିବାରୁ ବା ଥିରୁମାଲା ଶବ୍ଦଟିକୁ ସ୍ତ୍ରୀ ପ୍ରତ୍ୟୟ ମନେ କରୁଥିବାରୁ ଏପରି ବିଭ୍ରାନ୍ତି ହେବା କିଛି ଅସ୍ୱାଭାବିକ ନୁହେଁ। ତେଣୁ ବାବୁଙ୍କୁ ନେଇ କାହା ମନରେ କ'ଣ ଅଛି, କିଏ ମନରେ କ'ଣ ଭାବୁଛନ୍ତି; ସେଥିରେ ଆମର କିଛି ଯାଏ ଆସେ ନାହିଁ। ମାତ୍ର ରାଜ୍ୟରେ ଗେରୁଆ ସରକାର ଗଠନ ପରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଯୋଗୁଁ ବାବୁଙ୍କର ଅମୃତାଞ୍ଜନ ଖର୍ଚ୍ଚ କୁଆଡ଼େ ବଢ଼ି ଯାଇଛି। ବାବୁ ଥିରୁମାଲା ଦାୟିତ୍ୱ ନେବା ପରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣଟି ଚିଡ଼ିଆଖାନାରେ ପରିଣତ ହୋଇଛି ଓ ନିର୍ଦ୍ଦିଷ୍ଟ କିଛି କର୍ମଚାରୀଙ୍କ ପାଇଁ ସାଧାରଣ ଲୋକ ତ୍ରାହିତ୍ରାହି ଡ଼ାକୁଛନ୍ତି ବୋଲି ସାରା ସହରରେ ଆଲୋଚନା ହେଉଛି। ଏପଟେ କ୍ରୁଟ୍ ପରିଚାଳିତ 'ମୋ ବସ୍' ଭିତରେ ଲୁଟିଆଙ୍କ ରାଜୁତି ଓ, ଆଉ ବସ୍ ଧକ୍କାରେ ପ୍ରତିଦିନ କେହି ନା କେହି ମୃତାହତ ଘଟଣା ପରିସ୍ଥିତିକୁ ବିଷମ କରିଛି। ଏହାକୁ ନେଇ ଲୋକେ ତାତିଛନ୍ତି ଓ ବର୍ଷିଛନ୍ତି ଅଦାଲତ। କଟକ ଆଡ଼ୁ ଛାଟ ବାଜିବା ପରେ ଶେଷରେ ଏସି କୋଠରୀ ଛାଡ଼ି 'ମୋ ବସ୍'ରେ ଚଢ଼ିଛନ୍ତି ବାବୁ। ମାତ୍ର କ୍ରୁଟ ବାବୁଙ୍କ ବସ ବୁଲାକୁ ଦେଖି ଲୋକମାନେ ଯେଉଁ ଶବ୍ଦରେ ଟିପ୍ପଣୀ ଦେଉଛନ୍ତି, ତାହା ଏହି ସ୍ତମ୍ଭରେ ପ୍ରକାଶ କରିବାର କ୍ଷମତା ଆମର ନାହିଁ। ■



## କାଡ଼ାମ୍‌ଙ୍କ ମନ କୁଣ୍ଢେମୋଟ

ରାଜ୍ୟ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ହେଉଛନ୍ତି ବାବୁ ରାମଚନ୍ଦ୍ର। କଦମ୍ କଦମ୍ କରି ଆଗେଇ ରାମଚନ୍ଦ୍ର କାଡ଼ାମ୍ ଯେପରି ରାଜ୍ୟ କଂଗ୍ରେସ ବିଧାୟକ ଦଳର ମଙ୍ଗ ଧରିଛନ୍ତି ତାହା ତାଙ୍କ ଦଳର ଅନେକଙ୍କ ପାଇଁ ଅଧ୍ୟୟନର ବିଷୟ ହୋଇଛି। କାଡ଼ାମ୍‌ଙ୍କ ମୁଣ୍ଡରେ ବିଧାୟକ ଦଳ ମୁଖିଆ ଶିରିପା ବାନ୍ଧିବାର ଶ୍ରେୟ ଯଦିଓ ଅନେକ ସାଂସଦ ସପ୍ତଗିରିଙ୍କୁ ଦେଉଛନ୍ତି, ତଥାପି ପାଠ କମ୍ ହେଲେ ବି ବୁଦ୍ଧି ଦୃଷ୍ଟିରୁ କାଡ଼ାମ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ତାଙ୍କ ଦଳର ନେତାମାନେ ଏବେ ବୁଝି ସାରିଲେଣି। ଆଉ ରାଜ୍ୟ ହାତ ମଠ ମହନ୍ତ ବାଛିବାକୁ ଓଡ଼ିଶା ଆସିଥିବା ଛତିଶଗଡ଼ୀ ହାତ ନେତା ଚରଣ ଦାସ ବିମାନବନ୍ଦରରୁ ଯେବେ ଅନ୍ୟ ନେତାଙ୍କ ହାତୀ ପରି ବଡ଼ବଡ଼ ଗାଡ଼ି ଛାଡ଼ି କାଡ଼ାମ୍‌ଙ୍କ ଗାଡ଼ିକୁ ବାଛିଲେ, ସେବେଠାରୁ ରାମଚନ୍ଦ୍ରଙ୍କ ମନ କୁଣ୍ଢେମୋଟ। ବେକରେ ପକାଇଥିବା କଂଗ୍ରେସୀ ଗାମୁଛାରେ ଅଧା ମୁହଁ ଢ଼ାଙ୍କି ଉକୁଟି ଉଠିଥିବା ମନର ଖୁସିକୁ ଚାପି ରଖିବାକୁ ସେଦିନ ରାମଚନ୍ଦ୍ର ଯେତେ ଉଦ୍ୟମ କରିଥିଲେ ବି ଦୁଇ ଚିବୁକ ପଟେ ତାଙ୍କ ଖୁସିତକ ପିଚିକି ବାହାରି ଆସୁଥିବା ଅନେକ ଦେଖିଛନ୍ତି। କାଡ଼ାମଙ୍କ ଗାଡ଼ିରେ ଚରଣ ଦାସ ମହନ୍ତଙ୍କୁ ବସିବା ଦେଖି ହାତ ପାର୍ଟିର ପୁରୁଖା ନେତାଙ୍କ ଦାନ୍ତ କଡ଼ମଡ଼ ବି ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। କୌତୂହଳର କଥା ହେଉଛି ନିଜ ଗାଡ଼ିରେ ଚରଣ ଦାସଙ୍କ ଚରଣ ସ୍ପର୍ଶର ଆନନ୍ଦରେ ଅଧୀର କାଡ଼ାମ୍ ଓଡ଼ିଶାରେ ଦୁଇ ଦଶନ୍ଧି ବ୍ୟବଧାନରେ ଡ଼ବଲ ଇଞ୍ଜିନ୍ ସରକାରର 'କୋଇଲି-ଜାଉ' ଜନିତ ମୃତ୍ୟୁ; ଓଡ଼ିଆ ସରକାରୀ ଅଧିକାରୀଙ୍କୁ ପୂର୍ଣ୍ଣିମା ସ୍ୱାମୀଙ୍କ ମାଡ଼ ଘଟଣାକୁ ପ୍ରଚାର ପାଇଁ ଏବେ ଝାରଖଣ୍ଡରେ ପହଞ୍ଚି ଯାଇଛନ୍ତି। ■



## ଓଡ଼ିଆ ବୋହୂଙ୍କ ଛଠ୍ ପୂଜା

ଆମ ରାଜଧାନୀ ସାଂସଦ ଅପରାଜିତା ଓଡ଼ିଆ ଘର ବୋହୂ। ରାଜନୀତି ମଇଦାନକୁ ଲମ୍ଫ ଦେବା ଦିନଠାରୁ ତାଙ୍କର ଓଡ଼ିଆ ବୋହୂ ପରିଚୟଟିକୁ ତାଙ୍କ ସମର୍ଥକମାନେ ଘଷି ମାଜି ଚକମକ୍ କରିବାକୁ ବେଶ୍ ସମର୍ଥ ହୋଇଛନ୍ତି। ଗଲା ଭୋଟ ବେଳେ ଓଡ଼ିଆ ବୋହୂ ପରିଚୟରେ ଲଢ଼ୁଥିବା ଅପରାଜିତାଙ୍କ ପାଇଁ ତାଙ୍କ ଦଳର ବହୁ ଶୀର୍ଷ ନେତା ଆସି ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଦଳର ଜଣେ ଉଚ୍ଚ ନେତା ଖୋର୍ଦ୍ଧା ଅଞ୍ଚଳରେ ଏକ ସମାବେଶରେ ଅପରାଜିତାଙ୍କୁ ପରୋକ୍ଷରେ ଅପରାଜିତା ବିଜୟୀ ହେଲେ କେନ୍ଦ୍ରରେ ମନ୍ତ୍ରୀ ହେବେ ବୋଲି ଇଙ୍ଗିତ ବି ଦେଲେ। ନିର୍ବାଚନ ସରିଲା, ଅପରାଜିତା ଜିତିଲେ; ମାତ୍ର ତାଙ୍କ ସମର୍ଥକଙ୍କ ଆଶା ସେହି ଆଶାରେ ହିଁ ରହିଗଲା। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ଥାନ ନ ମିଳିବା ଅପରାଜିତାଙ୍କ ବିରୋଧୀ ଗୋଷ୍ଠୀକୁ ଯେତିକି ଉତ୍ସାହିତ କରିଛି; ତାଙ୍କ ସମର୍ଥକ ସେତିକି ନିରାଶ ହୋଇଛନ୍ତି। ଏହି ସମୟରେ ଅସ୍ତାଚଳଗାମୀ ଓ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ନିମନ୍ତେ ଓଡ଼ିଆ ବୋହୂ ଅପରାଜିତାଙ୍କ 'ଛଠ୍' ଆରାଧନାକୁ ନେଇ ତାଙ୍କ ତଥାକଥିତ ବିରୋଧୀ ଗୋଷ୍ଠୀ ଭ୍ରୁକୁଞ୍ଚନ କରିଛନ୍ତି। ଓଡ଼ିଆ ବୋହୂ ବୋଲି ପରିଚୟ ଦେଉଥିବା ଅପରାଜିତା କିପରି 'ଛଠ୍' ପାଳିଲେ, ତାକୁ ନେଇ ପଦ୍ମ ଦଳର କଠୋରପନ୍ଥୀ ଓଡ଼ିଆ ନେତାମାନେ କୋଳାହଳ କରୁଛନ୍ତି। ହେଲେ ତାଙ୍କ ସମର୍ଥକଙ୍କ ଯୁକ୍ତି ଭିନ୍ନ। ଯେତେବେଳେ ଆମ ଓଡ଼ିଆ ବିବାହରେ ହଲ୍‌ଦୀ, ମେହେନ୍ଦୀ ପ୍ରବେଶ କରି ସାରିଲାଣି; ଇଂରାଜୀ ପରମ୍ପରାର ପ୍ରି-ୱେଡ଼ିଂ ସୁଟିଂରୁ ବେବି ସାୱାର ପର୍ଯ୍ୟନ୍ତ ଚାଲିଲାଣି, ସେଠାରେ ଓଡ଼ିଆ ବୋହୂ ଅପରାଜିତା 'ଛଟ୍' ଆରାଧନାକୁ ସମାଲୋଚନା କାହିଁକି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।